# ବିପଦରେ ବ୍ରାହ୍ମଣୀ ବ୍ରିଜ୍

■ ଧର୍ମଶାଳାରେ ବାଲି, ବ୍ୟାସନଗରରେ ମୋରମ ଲୁଟ

■ ବିନା ସିଟିଓ, ଇସିରେ ଚାଲିଛି ଉତ୍ତୋଳନ

ଯାଜପୁର ଅଫିସ/ ରଗଡ଼ି (ଡି.ଏନ.ଏ.), ୪।୭

ଯାଜପୁର ଜିଲାର ବ୍ୟାସନଗର ତହସିଲରେ ମୋରମ ଏବଂ ଧର୍ମଶାଳା ତହସିଲରେ ବାଲି ଲୁଟ୍ ନିତିଦିନିଆ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଠାରୁ ପରିଚାଳନା ଅନୁମତି ବା କନସେଣ୍ଟ ଟୁ ଅପରେଟ୍ (ସିଟିଓ) ଏବଂ ପରିବେଶଗତ ଅନୁମତି ବା ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସ (ଇସି) ନ ଥାଇ ଜିଲାର ବିଭିନ୍ନ ନଦୀନାଳରୁ ବାଲି ଉତ୍ତୋଳନ କରାଯାଉଛି। ବିଶେଷକରି ଧର୍ମଶାଳା ତହସିଲ ଅଞ୍ଚଳର ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ସୀମା ଲଂଘିଛି। ଅନୁରୂପ ଭାବେ ବ୍ୟାସନଗର ତହସିଲ ଅଞ୍ଚଳରେ ମୋରମ ଲୁଟ ଅଭିଯୋଗ ହେଉଥିଲେ ହେଁ କିଛି ସୁଫଳ ମିଳିପାରୁ ନାହିଁ। ଏହି ବେଆଇନ କାର୍ଯ୍ୟ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ବଦଳରେ ସମ୍ପୃକ୍ତ ଅଧିକାରୀ ବିପୁଳ ପରିମାଣର ଚାନ୍ଦା ନେଇ ମାଲାମାଲ ହେଉଛନ୍ତି। ଏପରିକି ସେହି କଳାଧନରେ ସମ୍ପୃକ୍ତ ଅଧିକାରୀ ଧରାଧରି କରି ପଦୋନ୍ନତି ପାଇଥିବା ଚର୍ଚ୍ଚା ହେଉଛି।


ବେଆଇନ ବାଲି ଉତ୍ତୋଳନ ଚାଲିଛି।


ମୋରମ ଉତ୍ତୋଳନ ପରେ ସୃଷ୍ଟି ହୋଇଥିବା ଗାତ।

୫୩ ନମ୍ବର ଜାତୀୟ ରାଜପଥର ଧର୍ମଶାଳା ତହସିଲ ଅନ୍ତର୍ଗତ କବାଟବନ୍ଧ ବ୍ରିଜ ନିକଟରେ ଥିବା ରାଇଚନ୍ଦା ବାଲିଘାଟର ୪୮୧ ପ୍ଲଟ ନମ୍ବରରୁ ୨୦ ଏକର ପରିମିତ ଅଞ୍ଚଳରୁ ବାଲି ଉତ୍ତୋଳନ କରିବାକୁ ଲିଜଧାରୀଙ୍କୁ ଅନୁମତି ମିଳିଥିଲା। ଏହି ଅନୁମତି ୨୦୧୬-୧୭ରୁ ୨୦୨୦-୨୧ ମାର୍ଚ୍ଚ ପର୍ଯ୍ୟନ୍ତ ବୈଧ ଥିଲା। କିନ୍ତୁ ଏଯାଏ ବିନା ସିଟିଓ ଓ ଇସିରେ ଏହି ବାଲିଘାଟର ପ୍ରାୟ ୫୦ ଏକର ଅଞ୍ଚଳରୁ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି। ଚିନ୍ତାଜନକ ବିଷୟ ଯେ, ବ୍ରାହ୍ମଣୀ ନଦୀର ବ୍ରିଜ୍‌ଠାରୁ ମାତ୍ର ୨୦୦ ମିଟର ମଧ୍ୟରେ ଏହି ବାଲି ଘାଟ ଏକାଧିକ ମେଶିନ ଜରିଆରେ ଚାଲିଛି, ଯାହାକି ବ୍ରିଜ୍ ପ୍ରତି ବିପଦ ଆଶଙ୍କା ରହିଛି। ପୂର୍ବରୁ ଏହାର ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ନିକଟରୁ ବିପୁଳ ପରିମାଣର ବାଲି ଉତ୍ତୋଳନ ହୋଇଥିବାରୁ ଯେତେ ଯାହା ମରାମତି କରାଗଲେ ମଧ୍ୟ ବ୍ରିଜ୍‌ର ସ୍ଥିତି ଠିକ୍ ହୋଇପାରୁନାହିଁ।

ଅନ୍ୟପକ୍ଷରେ ବ୍ୟାସନଗର ତହସିଲ ଅନ୍ତର୍ଗତ ପଛିକୋଟ ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ପରମାନନ୍ଦପୁର ନିକଟରେ ଥିବା ଏକ ଆକାଶିଆ ଜଙ୍ଗଲ କଡ଼ ସରକାରୀ ଜମିରୁ ବିପୁଳ ପରିମାଣର ମୋରମ ଲୁଟ୍ ଚାଲିଛି। ଏହି ମୋରମ ଖନନ ପାଇଁ କୌଣସି ଅନୁମତି ନ ଥିବା ବ୍ୟାସନଗର ତହସିଲଦାର ସ୍ପଷ୍ଟ କରୁଥିବାବେଳେ କିଭଳି ମାଫିଆ ମାନେ ଶହ ଶହ ଟ୍ରିପ୍ ମୋରମ ଚୋରାଚାଲାଣ କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଛିକୋଟ ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ମଞ୍ଜୁରୀ, ଖମିଗାଁ ଓ କୋରବନ୍ଦୀ ମୌଜାରୁ ବାରମ୍ବାର ବେଆଇନ ମୋରମ ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇ ଆସୁଛି। ପୋଖରୀ ଖନନ ନାମରେ ନିର୍ଦ୍ଧାରିତ ପରିମାଣଠାରୁ ଶତାଧିକ ଗୁଣ ଅଧିକ ମୋରମ ଲୁଟ୍ କରାଯାଉଛି। ଏନେଇ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକଙ୍କୁ ପଚାରିବାରୁ ଖୁବଶୀଘ୍ର ଏହି ମାଫିଆମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଖେଳପଡ଼ିଆରେ ଟଳିପଡ଼ିଲେ ଯୁବକ

**ଚଣ୍ଡିଖୋଲ,୪।୭(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅଧୀନ ପତରାଜପୁର ଗ୍ରାମର ସେକ୍ ରମଜାନ୍ (୨୫) ରବିବାର ନିଜ ଗ୍ରାମ ଖେଳପଡ଼ିଆରେ ବସିଥିବା ବେଳେ ହଠାତ୍ ଟଳିପଡିଥିଲେ। ଉପସ୍ଥିତ ଲୋକମାନେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡି ନାହିଁ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଅନୁମାନ କରୁଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଡାକ୍ତର କହିଛନ୍ତି।

### ଖବରଦାତାଙ୍କ ସ୍ମୃତିସଭା

**ଚଣ୍ଡିଖୋଲ,୪।୭(ଡି.ଏନ.ଏ.):** ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ଡ. ଜୀମୂତ ମଙ୍ଗରାଜଙ୍କ ବିୟୋଗରେ ବଡଚଣା ପ୍ରେସ୍ ଫୋରମ ପକ୍ଷରୁ ରବିବାର ସ୍ଥାନୀୟ ଡାକବଙ୍ଗଳା ପରିସରରେ ଏକ ସ୍ମୃତିସଭା ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ ଫୋରମର ଉପଦେଷ୍ଟା ମହେଶ୍ୱର ବଳ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖବରଦାତା ଭକ୍ତଚରଣ ସାହୁ, ଆବାହକ ମନମୋହନ ରାଉତ, ପ୍ରତାପ ରାଉତରାୟ, ଉତ୍କଳ ପ୍ରଧାନ, ତ୍ରୈଲୋକ୍ୟ ନାୟକ, ମନୋଜ କୁମାର ମହାନ୍ତି, ପ୍ରଦ୍ୟୁମ୍ନ କୁମାର ଓଝା, ସର୍ବେଶ୍ୱର ବାରିକ, ପ୍ରମୋଦ ଜେନା, ବସନ୍ତ କୁମାର ପଲେଇ, ସୁରେଶ କୁମାର ଖଣ୍ଡାଇ, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଧର୍ମଶାଳା/ଚଢ଼େଇଧରା,୪।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜୁ ଅନୁଗାମୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ଶନିବାର



ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ୧୯୯୨ରେ ସେ ସରପଞ୍ଚ ଥିବା ବେଳେ ପଞ୍ଚାୟତର ବହୁ ବିକାଶ ହୋଇଥିଲା। ବିଜୁ ଜନତା ଦଳର ଜଣେ ଟାଣୁଆ ନେତା ଭାବେ ସେ ସମଗ୍ର ଅଞ୍ଚଳରେ ଜଣାଶୁଣା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡପୁଅ ପ୍ରଦୀପ୍ତ ମିଶ୍ରଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

### ରାଙ୍କିଆରେ ବନ ମହୋତ୍ସବ ପାଳିତ

**କାଳିଆପାଣି,୪।୭(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବନ ବିଭାଗ ପକ୍ଷରୁ ପିମ୍ପୁଡ଼ିଆ ପଞ୍ଚାୟତ ରାଙ୍କିଆଠାରେ ରବିବାର ଆୟୋଜିତ ବନ ମହୋତ୍ସବରେ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପିମ୍ପୁଡ଼ିଆ ସରପଞ୍ଚ ମନୋରମା ନାୟକ, ସମିତି ସଭ୍ୟ ଜାନକୀ ମହାନ୍ତି, ବନପାଳ ଦୀପ୍ତିମୟୀ ନାୟକ ପ୍ରମୁଖ ଯୋଗଦେଇ ରାଙ୍କିଆ ଓ ବାମନଗର ଅଞ୍ଚଳରେ ଗ୍ରାମବାସୀଙ୍କ ସହାୟତାରେ ବୃକ୍ଷରୋପଣ କରିଥିଲେ। ସୁକିନ୍ଦା ବନାଞ୍ଚଳର ସଂରକ୍ଷିତ ଅଞ୍ଚଳର ୫୦ ହେକ୍ଟର ଜମିରେ ବୃକ୍ଷରୋପଣ କରାଯିବ ବୋଲି ରେଞ୍ଜର ରାଉତରାୟ ସୂଚନା ଦେଇଛନ୍ତି।

### ମୋବାଇଲ ଚୋରି ଅଭିଯୋଗ
### ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**ବାଲିକୁଦା,୪।୭(ସ୍ୱ.ପ୍ର.):** ବାଲିକୁଦ ଥାନା ବୋରିକିନା ପଞ୍ଚାୟତ କୋସିଦା ଗାଁରୁ ଗ୍ରାମବାସୀ ରବିବାର ଜଣେ ମୋବାଇଲ ଚୋରକୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଜିତୁ ମଲ୍ଲିକ। ଏନେଇ ଥାନାରେ ମାମଲା (ନଂ.୨୫୯/୨୧) ରୁଜୁ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜିତୁ ଉକ୍ତ ଗ୍ରାମର ଓମ୍ ପ୍ରକାଶ ମୁଦୁଲିଙ୍କ ଘରୁ ମୋବାଇଲ ଚୋରି କରି ଚାଲିଯାଉଥିବାବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡ଼ିଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ଜିତୁଙ୍କୁ ଥାନାକୁ ନେଇ ପଚରାଉଚୁରା କରିବା ପରେ ଗିରଫ କରିଛି।

## ଜଗତ୍‌ସିଂହପୁରରେ ପେଟ୍ରୋଲ ଦର ଶହେ ଟପିଲା

ଜଗତ୍‌ସିଂହପୁର ଅଫିସ, ୪।୭

**ଡିଜେଲ ୯୭.୩୨ ଟଙ୍କା**

କରୋନା ସଂକ୍ରମଣ ଓ ଲକ୍‌ଡାଉନ ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଏଭଳିସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦର ଯେଉଁଭଳି ଭାବେ ବୃଦ୍ଧିପାଉଛି ତାହା ଚିନ୍ତାର କାରଣ ପାଲଟିଛି। ରବିବାର ଜଗତ୍‌ସିଂହପୁରରେ ପେଟ୍ରୋଲ ଲିଟର ୧୦୦ ପାର ହୋଇଛି। ଏବେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ୨୫ ପଇସା ହୋଇଥିବା ବେଳେ ଡିଜେଲ ଲିଟର ୯୭ ଟଙ୍କା ୩୨ ପଇସାକୁ ବୃଦ୍ଧି ପାଇଛି। ଏ ସମ୍ପର୍କରେ ରାମଚନ୍ଦ୍ର ସାହୁ, ଯୁଧିଷ୍ଠିର ପାତ୍ର ଓ ନଟବର ବାରିକ ପ୍ରମୁଖ କହିଛନ୍ତି ଏବେ ଘରୁ ବାଇକ୍ ବାହାର କରିବାକୁ ଡର ଲାଗିଲାଣି। କିନ୍ତୁ କାମ ଥିବାରୁ ଯିବାକୁ ପଡୁଛି। ତଥାପି ଜରୁରୀ ନ ଥିଲେ ଗାଡି ବାହାର କରୁନାହୁଁ। ସରକାର କେବଳ ମଧ୍ୟବିତ୍ତଙ୍କ ଉପରେ ଦାଉ ସାଧୁଛନ୍ତି। ବଡ଼ବଡିଆ ଓ ଗରିବଙ୍କ ପାଇଁ ଅନେକ ଯୋଜନା ଅଛି। ମଧ୍ୟବିତ୍ତ ସବୁଆଡୁ କ୍ଷତି ସହୁଛନ୍ତି। ସ୍ଥାନୀୟ ଅଞ୍ଚଳର ଆଉ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟା ଦେଇ କହିଛନ୍ତି, ୧୯୭୩ରେ ପେଟ୍ରୋଲ ଲିଟର ୭ ପଇସା ବୃଦ୍ଧି ପାଇଥିଲା। ଏହି ବର୍ଦ୍ଧିତ ଦରକୁ ପ୍ରତିବାଦ କରି ସେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ବଳଦ ଗାଡ଼ିରେ ସଂସଦ ପର୍ଯ୍ୟନ୍ତ ଯାଇଥିଲେ। କିନ୍ତୁ ଏବେ ପ୍ରତ୍ୟହ ପେଟ୍ରୋଲ ଓ ଡିଜେଲ ଦର ବଢୁଛି। ବିଭିନ୍ନ ଆଡୁ ପ୍ରତିବାଦ ସତ୍ତ୍ୱେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ନୀରବ ରହିଛନ୍ତି। ଆଗାମୀ ଦିନରେ ଲୋକେ ଏହାର ଉଚିତ ଜବାବ ଦେବେ।

Indian Port Rail & Ropeway Corporation Ltd. SAGARMALA
(A JV Company Under Ministry of Ports, Shipping & Waterways, Govt. of India)
TENDER NOTICE
Tender No IPRCL/BBS/T/PPT-TMW/1
Dated- 02.07.2021.
IPRCL invites e-tender for (i) Track linking work between the bot down line and the existing siding no.18-19 and siding 6 & 7 & (ii) Laying of crossover from load line no.2 to load line no.1 in the tippler yard & improvement on post tippling line including upgradation of the auto spring point from 90r to 52 kg of Paradip Port Trust.
Bidding document will be available for downloading from 03.07.2021 on the website www.etenders.gov.in/eprocure/app. Any corrigendum / addendum would be hosted on the above website only.

## ବେଆଇନ ଖାଦାନରେ ଚଢ଼ାଉ

■ ପୋକ୍‌ଲିନ ମେଶିନ ଜବତ

■ ୨ କଳାପଥର ବୋଝେଇ ଗାଡ଼ି ଅଟକ

ଧର୍ମଶାଳା,୪।୭(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଚାଲିଥିବା ବେଆଇନ ଖାଦାନରେ ଜିଲା ସ୍କ୍ୱାଡ୍ ପକ୍ଷରୁ ରାତିଅଧିଆ ଚଢାଉ କରାଯାଇ ଗୋଟିଏ ପୋକ୍‌ଲିନ ମେଶିନ ଜବତ କରାଯାଇଛି। ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ଓ ଏହାର ଆଖପାଖରେ ଥିବା କଳାପଥର ଖାଦାନରେ ମାଫିଆମାନେ ବେଆଇନ ଭାବେ ରାତିରେ ଖନନ କରି ପଥର ଚାଲାଣ କରୁଛନ୍ତି। ଏହି ବେଆଇନ ଖନନକୁ ରୋକିବା ଲାଗି ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲ ଅଧିକାରୀ ଓ ପୋଲିସକୁ ନେଇ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ଗତ ୨ ଦିନ ତଳେ ଏହି ସ୍କ୍ୱାଡ୍ ଆରୁହା କଳାପଥର ଖାଦାନରେ ଚଢାଉ କରି ଜେସିବି ମେଶିନ ସହ ହାଇୱା ଜବତ କରିଥିଲା। ଶନିବାର ରାତିରେ ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ଓ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଆରୁହା ନିକଟ ଭୁଇଁ ଡୁବୁରୀ ପାହାଡ଼ରେ ଚଢାଉ କରିଥିଲେ। ଚଢାଉ ଦେଖି ସେଠାରେ ଖନନ କରୁଥିବା ଶ୍ରମିକମାନେ ଚମ୍ପଟ ମାରିଥିଲେ। ଫଳରେ ସ୍କ୍ୱାଡ୍ ସେଠାରୁ ଏକ ପୋକ୍‌ଲିନ ମେଶିନ ଜବତ କରିଛି। ଜବତ ପୋକ୍‌ଲିନ ମେଶିନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ଆଦାୟ କରାଯିବ ବୋଲି ଅତିରିକ୍ତ ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ରବିବାର ଭୋରରୁ କଳାପଥର ବୋଝେଇ ୨ ହାଇୱା ଗାଡ଼ିକୁ ପାଖର ଗାଁ ନିକଟରୁ ଜବତ କରାଯାଇ ଧର୍ମଶାଳା ଥାନାରେ ରଖାଯାଇଛି। ଉଭୟ ଗାଡ଼ି ମାଲିକଙ୍କଠାରୁ ଜୋରିମାନା ଆଦାୟ କରାଯାଇ ଛଡାଯିବ ବୋଲି ସୂଚନା ମିଳିଛି।



ଜବତ ପୋକ୍‌ଲିନ ମେଶିନ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ

ଧର୍ମଶାଳା,୪।୭(ଡି.ଏନ.ଏ.)

**ପୋଲିସ କର୍ମଚାରୀ ଗିରଫ**

ଜଣେ ଯୁବତୀଙ୍କୁ ପ୍ରତରଣା କରିବା ଅଭିଯୋଗରେ ଯାଜପୁର ଜିଲାରେ କାର୍ଯ୍ୟରତ ଜଣେ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ଧର୍ମଶାଳା ଥାନାରେ ଏକ ମାମଲା(ନଂ.୩୫୦/୨୧) ରୁଜୁ ହୋଇଛି।

ସୂଚନା ଅନୁଯାୟୀ ଧର୍ମଶାଳା ଥାନା ଅଞ୍ଚଳର ଯୁବତୀଙ୍କ ସହିତ ଜଣେ ପୋଲିସ କର୍ମଚାରୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେ ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରି ଦେବାରୁ ଯୁବତୀ ଜଣକ ଏସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ସୁକିନ୍ଦା ଥାନା ଅଞ୍ଚଳର ଶ୍ୟାମସୁନ୍ଦର କିସ୍କୋଙ୍କୁ ରବିବାର ଗିରଫ କରିଛି। ସେ କିଛି ମାସ ତଳେ ଧର୍ମଶାଳା ଥାନା ଜାରକା ବିଟ୍ ହାଉସରେ କାମ କରୁଥିବା ବେଳେ ସମ୍ପୃକ୍ତ ଯୁବତୀଙ୍କ ସହିତ ସମ୍ପର୍କ ସୃଷ୍ଟି ହୋଇଥିଲା। ଏବେ ଶ୍ୟାମସୁନ୍ଦର ଜିଲା ପୋଲିସ ମୁଖ୍ୟାଳୟରେ କାମ କରୁଛନ୍ତି।

## ପଟ୍ଟାମୁଣ୍ଡାଇରେ ମାଲମାଲ ପାଥୋଲାବ, ଏକ୍ସ-ରେ କ୍ଲିନିକ୍

ପଟ୍ଟାମୁଣ୍ଡାଇ, ୪।୭(ସ୍ୱ.ପ୍ର.)

**ସ୍ୱାସ୍ଥ୍ୟ ବିଭାଗ ନୀରବ**

ପଟ୍ଟାମୁଣ୍ଡାଇ ସହରରେ ମାଲମାଲ ପାଥୋଲାବ୍ ଓ ଏକ୍ସ-ରେ କ୍ଲିନିକ୍ ଖୋଲି ଚାଲିଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ସମସ୍ତ ବିଷୟ ଜାଣୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଡିଏମ୍‌ଏଲ୍‌ଟିର ବିନା ଅନୁମତି ଓ ତାଙ୍କ ନିୟମ ଅନୁଯାୟୀ, ପାଥୋଲାବଗୁଡିକ ଚାଲି ନ ଥିବା ଦେଖାଯାଏ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏ ସମ୍ପର୍କରେ ଜାଣୁଥିଲେ ମଧ୍ୟ ପାଥୋଲାବ୍‌ଗୁଡିକ ଯାଞ୍ଚ କରାଯାଉନାହିଁ। ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ, ପାଥୋଲାବରେ କେତେ କୋଠରି ଓ ସେଥିରେ କ'ଣ କ'ଣ ସୁବିଧା ରହିବ ତାହା ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ସେ ସବୁକୁ ନ ମାନି ଗୋଟିଏ ଗୋଟିଏ ଛୋଟ କୋଠରିରେ ଅଧିକାଂଶ ପାଥୋଲାବ୍ ଚାଲିଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଅଧୀନରେ ଅଳପୁଆ, ତୁଳସୀଡିଆ, ଅଣ୍ଟରା, ସାନଜରିଆ, ବଡପଡା, ଚନ୍ଦନନଗର ଓ ଅଢାଯୋଡିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ମଧ୍ୟ ଏହି ପ୍ରକାର ପାଥୋଲାବ ଚାଲିଥିବା ଅଭିଯୋଗ ହେଉଛି। ବେଆଇନ୍ ଭାବେ ଚାଲିଥିବା ପାଥୋଲାବ୍‌ଗୁଡିକ ଯାଞ୍ଚ କରି ସେଗୁଡିକୁ ବନ୍ଦ କରାଯାଉ। ପାଥୋଲାବ୍ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସେହିପରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମଧ୍ୟ ଘରୋଇ କ୍ଲିନିକ୍‌ଗୁଡିକ ଚାଲିଛି। ସେଗୁଡିକ ମଧ୍ୟ ସରକାରଙ୍କ ନିର୍ଦ୍ଧାରିତ ନିୟମକୁ ଅମାନ୍ୟ କରି ଅନାୟାସରେ ଚାଲିଥିବା ଅଭିଯୋଗ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଢେର ହ୍ରାସ ପାଇଛି। ଏହାର ଏକ କାରଣ ବେଆଇନ୍ ଲିଙ୍ଗ ନିରୂପଣ ଓ କନ୍ୟା ଭ୍ରୂଣ ହତ୍ୟା କରାଯାଉଛି। ସହରରେ କ୍ଲିନିକ୍‌ଗୁଡ଼ିକରେ ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିବା ନେଇ ଗୁରୁତର ଅଭିଯୋଗ ହେଉଛି। ଯଦିଓ ଲୋକ ଦେଖାଣିଆ ଭାବେ ସବୁ କ୍ଲିନିକ୍ ବାହାରେ ଲିଙ୍ଗ ନିରୂପଣ ଅପରାଧ ବୋଲି ବୋର୍ଡ ଲଗାଯାଇଛି ତଥାପି ବେଆଇନ କାର୍ଯ୍ୟ ଚାଲିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମାଲମାଲ ହୋଇ ଚାଲିଥିବା ବେଆଇନ ପାଥୋଲାବ୍ ଓ ଏକ୍ସ-ରେ କ୍ଲିନିକ୍ ଉପରେ ଚଢ଼ାଉ କରାଯିବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଚିକିତ୍ସା ଅଧିକାରିଣୀ ଅନିତା ପଟ୍ଟନାୟକଙ୍କୁ ପଚାରିବାରୁ ଏପରି ଅଭିଯୋଗ ମୋ ପାଖକୁ ଆସିନାହିଁ। ଅଭିଯୋଗ ଆସିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଜମି ପାଇଁ ପଡ଼ୋଶୀ ଯୁବକଙ୍କୁ ପିଟି ମାରିଦେଲେ

କେନ୍ଦ୍ରାପଡା ଅଫିସ, ୪।୭

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଖସାଡି ଗ୍ରାମରେ ରବିବାର ଏକ ଘଟଣା ଘଟିଛି। ଗ୍ରାମର ନନ୍ଦକିଶୋର ସ୍ୱାଇଁଙ୍କ ଭିନ୍ନକ୍ଷମ ପୁଅ ଏକାଦଶୀଙ୍କୁ ଏକ ଜମି ବିବାଦ ପାଇଁ ଗାଁର ଗୋଟିଏ ପରିବାରର ସଦସ୍ୟମାନେ ପିଟି ମାରି ଦେଇଛନ୍ତି। ଏପରି ଅଭିଯୋଗ ନନ୍ଦକିଶୋର ଥାନାରେ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୁକ୍ତ ନିଧିରାମ ସ୍ୱାଇଁ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଏକାଦଶୀ ଦିଲ୍ଲୀରେ ବ୍ୟବସାୟ କରନ୍ତି। କିଛିମାସ ପୂର୍ବେ ଘରକୁ ଆସିଛନ୍ତି। ରବିବାର ସକାଳୁ ସେ ଗ୍ରାମ ପଡିଆକୁ ଶୌଚ ପାଇଁ ଯାଉଥିବା ବେଳେ ପୂର୍ବର ଜମି ବିବାଦ ପାଇଁ ନିଧିରାମ ଓ ତାଙ୍କ ପରିବାର ସଦସ୍ୟ ନିସ୍ତୁକ ପିଟିଥିଲେ। ଗୁରୁତର ହୋଇଥିବା ଏକାଦଶୀଙ୍କୁ ଗ୍ରାମବାସୀ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଇଆଇସି ପବିତ୍ର ମହାରଣା କହିଛନ୍ତି, ଘଟଣାକୁ ନେଇ ଥାନାରେ ମାମଲା ହେବା ସହ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି।

## ପୋଷ୍ୟ ବିଦ୍ୟାଳୟ ବୁଲି ଦେଖିଲେ ବିଧାୟକ

ଜେନାପୁର,୪।୭(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଶନିବାର ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ବିଦ୍ୟାଳୟ ବୁଲି ଦେଖିବା ସହ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ନିରୋଦ ମହାନ୍ତି, ପୂର୍ବତନ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସ୍ୱାଇଁ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଓ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ସେହି ବିଦ୍ୟାଳୟର କିପରି ବିକାଶ ହେବ ସେଥିପାଇଁ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ବଳବନ୍ତରାୟ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳଚାରା ଲଗାଇ ଥିଲେ। ଏଇ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ଦାସ, ଅଶୋକ କୁମାର ସାହୁ, ଦିଲ୍ଲୀପ କୁମାର ବରାଳ, ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସ୍କୁଲ ପରିସର ବୁଲି ଦେଖୁଛନ୍ତି।

## ରୋଜଗାର ଯୋଗାଉଛି କଡ଼କନାଥ

■ ମାଂସରେ ଭରପୂର କ୍ୟାଲସିୟମ

■ ଦୁଇ ମାସରେ ଦେଢ଼ କେଜି ଓଜନ

କେନ୍ଦ୍ରାପଡା ଅଫିସ, ୪।୭

ବିପଦ ଆପଦରେ ଗୋଟିଏ କଡକନାଥ କୁକୁଡା ବିକିଲେ ୭୦୦ରୁ ୯୦୦ଟଙ୍କା ମିଳିଯାଉଛି। ପିଲାଙ୍କ ପଢ଼ା ଖର୍ଚ୍ଚ ହେଉ ଅଥବା ଔଷଧ କିଣିବା, ପରିବାରର ଆର୍ଥିକ ବ୍ୟବସ୍ଥାରେ ଏହି କୁକୁଡା ସହାୟକ ହେଉଛି। ଏବେ ଘରେ ୧୨ଟି କୁକୁଡା ଅଛି। ଆଗକୁ ଅଧିକ ପାଳିବା ପାଇଁ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରାଯାଉଛି ବୋଲି ରାଜନଗରର ପ୍ରତିମା ସ୍ୱାଇଁ କହିଛନ୍ତି। ମଧ୍ୟପ୍ରଦେଶର ଝାବୁଆ ଜିଲାରେ ବହୁଳ ଭାବେ ପ୍ରତିପାଳିତ ହେଉଥିବା ଏହି କଡକନାଥ କୁକୁଡା ଏବେ କେନ୍ଦ୍ରାପଡ଼ା ଜିଲାର ପ୍ରବାସୀ ସହ ସ୍ୱୟଂସହାୟକ ଗୋଷ୍ଠୀର ରୋଜଗାରର ମାଧ୍ୟମ ପାଲଟିଛି। କଡକନାଥ କୁକୁଡା ସାଧାରଣ କୁକୁଡାଠାରୁ ଟିକେ ଭିନ୍ନ। ଏହାର ମାଂସ ଓ ହାଡ କଳା। ଏଥିରେ ଭରପୂର କ୍ୟାଲିସିୟମ ରହିଥିବା ବେଳେ ଅନ୍ୟ କୁକୁଡାଠାରୁ କୋଲେଷ୍ଟେରଲ କମ। କୋଭିଡ୍-୧୯ ସମୟରେ ଏହି କୁକୁଡା ମାଂସ ରୋଗ ପ୍ରତିରୋଧକାରୀ ଭାବେ ଲୋକମାନେ ବ୍ୟବହାର କରୁଛନ୍ତି। ଫଳରେ ଚାଷୀ ଏହାକୁ ପାଳନ କରି ବେଶ୍ ଲାଭବାନ ହେଉଥିବା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି। ସେ କହିଛନ୍ତି, କଡକନାଥ ପାଳନ ଏବେ ଚାଷୀଙ୍କ ପାଇଁ ଅଧିକ ଆୟକାରୀ ସାବ୍ୟସ୍ତ ହୋଇଛି। ଏଥିରେ ବହୁ ଲୋକଙ୍କୁ କର୍ମନିଯୁକ୍ତି ମିଳିବା ସହ ଅନ୍ୟ କୁକୁଡାଠାରୁ ଅଧିକ ଉପାର୍ଜନ ଦେଉଛି। ଚାଷୀଙ୍କ ବରାଦ ମୁତାବକ ଚିଆଁ ଭୁବନେଶ୍ୱରରୁ ଅଣାଯାଇ ଯୋଗାଇ ଦିଆଯାଉଛି। ଏହାସହ କଡକନାଥ ପାଳନ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଓଡ଼ିଶା ଜୀବିକା ମିଶନର ଜିଲା ପରିଚାଳିକା ସତ୍ୟଭାମା ପ୍ରଧାନ କହିଛନ୍ତି, କରୋନା ସଂକ୍ରମଣ ପାଇଁ ଜିଲାକୁ ପ୍ରବାସୀମାନେ ଫେରି ଆସିଛନ୍ତି। ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଏହି ଚାଷ ପ୍ରତି ଆଗ୍ରହ ଦେଖାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କଡକନାଥ ଚାଷ ପାଇଁ ଆଗ୍ରହୀ ଗୋଷ୍ଠୀଙ୍କୁ ୨ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଏହି ଚାଷରେ ୭ଟି ଗୋଷ୍ଠୀ ସଫଳ ହୋଇଥିବା ବେଳେ ଅନ୍ୟ କେତେକ ଗୋଷ୍ଠୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଓଡ଼ିଶାର କେନ୍ଦ୍ରାପଡ଼ା ସମେତ କୋରାପୁଟ, ରାୟଗଡ଼ା, ମାଲକାନଗିରି, କେଉଁଝର ଓ ଅନ୍ୟ ଜିଲାର ପ୍ରାୟ ୧୦ ହଜାର ପରିବାର ଏହି ଚାଷ ପ୍ରତି ଆଗ୍ରହ ଦେଖାଉଥିବା ଜିଲା ପରିଚାଳିକା ପ୍ରଧାନ କହିଛନ୍ତି। ରାଜନଗରର ପରମେଶ୍ୱର ସ୍ୱାଇଁ କୁହନ୍ତି, ପୂର୍ବରୁ ସେ ପୁଣେରେ କାମ କରୁଥିଲେ। ୨୦୨୦ ଲକ୍‌ଡାଉନ ସମୟରେ ଘରକୁ ଆସିବା ପରେ ଜୁଲାଇଠାରୁ କଡକନାଥ ଚାଷ ଆରମ୍ଭ କରିଛି। ଏଥିପାଇଁ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଋଣ ନେଇଛି। ସାଧାରଣ ବଏଲର କୁକୁଡା ମାଂସ କେଜି ପ୍ରତି ୧୨୦ରୁ ୧୬୦ ମଧ୍ୟରେ ଥିବା ବେଳେ ଏହାର ମୂଲ୍ୟ କେଜି ପ୍ରତି ୪୦୦ରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଚିଆଁ ୭୦ ଟଙ୍କାରେ କିଣା ଯାଇଥିବା ବେଳେ ଏହି ଜାତୀୟ କୁକୁଡା ମାତ୍ର ୨ ମାସରେ ଦେଢ଼ରୁ ୨ କିଲୋ ମାଂସ ମିଳୁଛି। ଏବେ ଫାର୍ମରେ ୫୦୦ କୁକୁଡା ରଖାଯାଇଛି। କେନ୍ଦ୍ରାପଡ଼ା ସହ ପାରାଦୀପ ଓ ଭୁବନେଶ୍ୱର, କଟକକୁ କୁକୁଡା ଚାଲାଣ ହେଉଛି। ସ୍ତ୍ରୀ କମଳା ସହ ଏହି ଫାର୍ମକୁ ପରିଚାଳନା କରୁଥିବା ବେଳେ ଏହାକୁ ଦେଖି ସ୍ଥାନୀୟ ଅଞ୍ଚଳରେ କଡକନାଥ ଚାଷ ବଢ଼ି ଚାଲିଥିବା ସେ କହିଛନ୍ତି।


କଡ଼କନାଥ କୁକୁଡ଼ା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଜୁଲାଇ, ୨୦୨୧



## ଆଜି କ'ଣ କେଉଁଠି

ତିର୍ତ୍ତୋଲ

- ସୁଶ୍ରୀ ଶୁଭଶ୍ରୀ ଆନୁକୂଲ୍ୟରେ ବନ ମହୋତ୍ସବ, ଶାରଳା ରୋଡ, ଜଗନ୍ନାଥ ମନ୍ଦିର ପରିସର, ପୂର୍ବାହ୍ନ ସାଢେ ୧୧ଟା।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ିକୁ ଥାନାରେ ଜିମା

**ତିର୍ତ୍ତୋଲ,୪।୭(ଡି.ଏନ୍.ଏ.):** ତିର୍ତ୍ତୋଲ ଥାନା ଛପଡା ନିକଟରୁ ସ୍ଥାନୀୟ ଲୋକେ ରବିବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ କାବୁ କରି ପୋଲିସ ଜିମା ଦେଇଛନ୍ତି। ଗାଡ଼ିଟି ଜଗତ୍‌ସିଂହପୁର-ଜଇପୁର ରାସ୍ତା ଦେଇ ଆସୁଥିଲା। ଏନେଇ ଗାଡ଼ି ଚାଳକ ଓ ବ୍ୟବସାୟୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

### ଅଗ୍ନିଶମ କେନ୍ଦ୍ରରେ ବନ ମହୋତ୍ସବ ସପ୍ତାହ ପାଳିତ

**ବାଲିକୁଦା,୪।୭(ସ୍ୱପ୍ର):** ବାଲିକୁଦା ଅଗ୍ନିଶମ କେନ୍ଦ୍ର ପରିସରରେ ୭୨ ତମ ବନ ମହୋତ୍ସବ ସପ୍ତାହ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ କର୍ମଚାରୀମାନଙ୍କ ଦ୍ୱାରା ଆମ୍ବ, ଆକାଶିଆ, ଲେମ୍ବୁ, କୃଷ୍ଣଚୂଡ଼ା ଓ ରାଧାଚୁଡ଼ା ଆଦି ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପର୍ଶୁରାମ ବାରିକ, କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର, ବନ୍ଦର ବନପାଳ ମଙ୍ଗଳ ହେମ୍ବ୍ରମ୍, ବନ ସହାୟକ ଭଗବାନ ମିଶ୍ର, ଆଣ୍ଟିପଞ୍ଚିଂ ସ୍କ୍ୱାଡ୍ ପବିତ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ହାବିଲଦାର ଶିବରାମ ଶାନ୍ତି, ସଲ୍ଲାଉଦ୍ଦିନ ଅହମ୍ମଦ, ସୟେଦ ନମାଜ ଅହମ୍ମଦ, ଆଗ୍ନିକ ଦୁର୍ଯ୍ୟୋଧନ ବେହେରା, ଭାଗ୍ୟଧର ମଲ୍ଲିକ ଓ ଅଶୋକ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ୭୨ ୟୁନିଟ୍ ରକ୍ତ ସଂଗ୍ରହ

**ବାଲିକୁଦା,୪।୭(ସ୍ୱ.ପ୍ର.):** ତଣ୍ଡିକୁଳ ପଞ୍ଚାୟତ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର 'ଓଡ଼ିଶା ମୋ' ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ତଥା ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ। କଟକ ବଡ ମେଡିକାଲ ବ୍ଲଡ୍‌ବ୍ୟାଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୭୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ତଣ୍ଡିକୁଳ ସରପଞ୍ଚ ଲୋକନାଥ ମନ୍ତ୍ରୀ ଏହାର ନେତୃତ୍ୱ ନେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କଣସରା ବିଦ୍ୟାଶ୍ରମରେ ବନ ମହୋତ୍ସବ

**ରାଜନଗର,୪।୭(ଡି.ଏନ.ଏ.):** ରାଜନଗର ବନ ବିଭାଗ ପକ୍ଷରୁ ବନ୍ଧପଡା ପଞ୍ଚାୟତର ଫିରିକିଦାଣ୍ଡିସ୍ଥିତ କଣସରା ବିଦ୍ୟାଶ୍ରମରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏସିଏଫ ବିରଞ୍ଚି ନାରାୟଣ ସାମଲ, ଅଧୀର ବେହେରା, ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ, ବନ୍ଧପଡା ସରପଞ୍ଚ କିରଣ କୁମାର ନାୟକ, ପରିବେଶବିତ୍ ପ୍ରଦୀପ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟ ପରିସରରେ ସୁନାରୀ, ନିମ୍ବ, ଆକାଶିଆ, ଶିଶୁ, ପାଟୋଇ ଓ ବଉଳ ଆଦି କିସମର ବୃକ୍ଷ ଲଗାଯାଇଛି। ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବିଦ୍ୟାଳୟର ଶିକ୍ଷକମାନେ ବୃକ୍ଷରୋପଣରେ ସହଯୋଗ କରିଥିଲେ।

# କୋର୍ଟରେ ଗଡୁଛି ୨୧ ହଜାର ମାମଲା

**କେନ୍ଦ୍ରାପଡ଼ା ଅଫିସ, ୪।୭**

**୨୦୨୦ରୁ ବନ୍ଦ ରହିଛି ଜନଶୁଣାଣି**
- ଲୋକଙ୍କ ସମସ୍ୟା ସମାଧାନ ହେଉନି
- କର୍ମଚାରୀ ଅଭାବ ଅଧିକ ଜଟିଳ କରୁଛି

କରୋନା କେନ୍ଦ୍ରାପଡ଼ା ଜିଲାବାସୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରଭାବ ପକାଇଛି। ପ୍ରାୟ ଦେଢ଼ବର୍ଷ ଧରି ପ୍ରବାସୀ ଜିଲାକୁ ଫେରି କର୍ମନିଯୁକ୍ତି ସମସ୍ୟାରେ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ସାମୂହିକ ସମସ୍ୟାର ସମାଧାନ ପାଉନାହାନ୍ତି। ଏଥିସହ ବ୍ୟକ୍ତିଗତ ସମସ୍ୟାର ସମାଧାନ ହେଉ ନ ଥିବାରୁ ପାରିବାରିକ ଅଶାନ୍ତି ବଢୁଛି। ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ହେଉଥିଲା। ଜନଶୁଣାଣି ମାଧ୍ୟମରେ ସାମୂହିକ ସହ ବ୍ୟକ୍ତିଗତ ସମସ୍ୟାର ସମାଧାନ ହେଉଥିଲା। ତେବେ ୨୦୨୦ରେ ଲକ୍ ଡାଉନ ଆରମ୍ଭ ପରଠାରୁ ଏହା ବନ୍ଦ ରହିଛି। କରୋନା ପାଇଁ ପ୍ରଶାସନିକ ଅଧିକାରୀ କାର୍ଯ୍ୟାଳୟରେ ରହୁ ନ ଥିବାରୁ ଗୁହାରି କାହାକୁ କରିବେ ବୋଲି ଲୋକମାନେ ଏବେ ପ୍ରଶ୍ନ ଉଠାଇଛନ୍ତି। କୋର୍ଟରେ ୨୧ ହଜାରରୁ ଅଧିକ ମାମଲା ଗଡୁଥିବା କୁହାଯାଇଛି। ଏଥିପାଇଁ କର୍ମଚାରୀ ଅଭାବ ସମସ୍ୟାକୁ ଅଧିକ ଜଟିଳ କରୁଛି।

ରାଜନଗର ଥାନା ଅଞ୍ଚଳର ଜଣେ ଶିକ୍ଷୟିତ୍ରୀ କହିଛନ୍ତି, ଭିତରକନିକା ସଂଲଗ୍ନ ନିଜର କିଛି ସମ୍ପତ୍ତି ଅଛି। ଏହି ସମ୍ପତ୍ତିକୁ କେତେଜଣ ଚିଙ୍ଗୁଡି ବ୍ୟବସାୟୀ ଜବରଦଖଲ କରି ଘେରି କରିଛନ୍ତି। ଏ ନେଇ କିଛିଦିନ ପୂର୍ବେ ଥାନାରେ ଅଭିଯୋଗ ପରେ ଆଇଆଇସି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ତେବେ ଥାନାରୁ ଫେରି ଅଭିଯୁକ୍ତମାନେ ଉଗ୍ର ହୋଇଛନ୍ତି। ସ୍ୱାମୀଙ୍କୁ ମାଡ ମାରିବା ସହ ନିଜେ ଚଳାଉଥିବା ସ୍କୁଟିକୁ ଛଡାଇ ନେଇଛନ୍ତି। କରୋନା ସଂକ୍ରାନ୍ତୀୟ ଡାଟା ସଂଗ୍ରହ ପାଇଁ ଏବେ ସମସ୍ୟାରେ ଥିବା ବେଳେ ସ୍କୁଟି ଉଦ୍ଧାର ପାଇଁ ପୋଲିସ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ଆସିଛନ୍ତି। ତେବେ କୌଣସି ପ୍ରଶାସନିକ ଅଧିକାରୀ କାର୍ଯ୍ୟାଳୟରେ ନ ଥିବାରୁ ଫେରି ଯାଉଛନ୍ତି। ବୁଦ୍ଧିଜୀବୀ ଆଶିଷ କୁମାର ଖଟୁଆ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ପ୍ରତିବର୍ଷ ଜନଶୁଣାଣିରେ ଅନ୍ୟୂନ ୨ ହଜାର ସାମୂହିକ ସମସ୍ୟା ଓ ୫ ହଜାର ବ୍ୟକ୍ତିଗତ ସମସ୍ୟା ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଆସୁଥିଲା। ଏଥିମଧ୍ୟରୁ କେତେଗୋଟି ସାମୂହିକ ଓ ବ୍ୟକ୍ତିଗତ ସମସ୍ୟାର ସମାଧାନ ହେବା ନଜିର ରହିଛି। ଲୋକଙ୍କ ଦାବି ଫଳରେ ପ୍ରଶାସନିକ ଅଧିକାରୀ ଅଧିକ କର୍ମଚଞ୍ଚଳ ହେଉଥିଲେ। ଜନଶୁଣାଣି ବନ୍ଦ ଫଳରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ବଢ଼ିଚାଲିଛି। ଆଇନଜୀବୀ ବିଭୂତି ଭୂଷଣ ସ୍ୱାଇଁ କହିଛନ୍ତି, କରୋନା ସଂକ୍ରମଣ ପାଇଁ କୋର୍ଟରେ ମାମଲାଗୁଡିକ ଠିକ୍ ଭାବେ ପରିଚାଳନା ହୋଇପାରୁନାହିଁ। ଫଳରେ ଗ୍ରାମାଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଧିକ ଗୁରୁତର ହୋଇଛି। କେନ୍ଦ୍ରାପଡ଼ା ଜିଲା କୋର୍ଟ ଅଧୀନରେ ଗତ ୨୦୨୦ ଡିସେମ୍ବର ଶେଷ ସୁଦ୍ଧା ମୋଟ ୨୦, ୮୪୨ ମାମଲା ରହିଥିଲା। ଏଥିମଧ୍ୟରେ ସିଭିଲ କେସ୍ ୭,୪୪୮ ଥିବା ବେଳେ ୧୩,୩୯୪ଟି କ୍ରିମିନାଲ କେସ୍ ଅଛି। ବିଚାର ବିଭାଗ ପରିଚାଳନା ପାଇଁ ସାମାଜିକ ଦୂରତ୍ୱ ବାଧକ ହୋଇଛି। କେତେକ ମାମଲାର ପରିଚାଳନା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହେଉଥିଲେ ମଧ୍ୟ ତାହା ମହକିଲଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଏହାଦ୍ୱାରା କୃଷିକ୍ଷେତ୍ରଠାରୁ ଆରମ୍ଭ କରି ସାମାଜିକ ଚଳଣିରେ ବ୍ୟାଘାତ ସୃଷ୍ଟି ହୋଇଛି। ଜନଶୁଣାଣି ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ଅଦ୍ୟାବଧି କରୋନା ସଂକ୍ରମଣରୁ ମୁକ୍ତ ହୋଇନାହିଁ। ଜୀବନ ବଞ୍ଚାଇବାକୁ ଏବେ ଜିଲା ପ୍ରଶାସନ ପ୍ରାଥମିକତା ଦେଇଛି। ଏଥିସହ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଜନଶୁଣାଣି ହେଉ ନ ଥିଲେ ମଧ୍ୟ କାର୍ଯ୍ୟାଳୟରେ ଏ ନେଇ ଆସୁଥିବା ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# କଣ୍ଡିଆ ମଳିକ ସାହିରେ ୨୦ ଜଣ ଝାଡ଼ାବାନ୍ତି ଆକ୍ରାନ୍ତ



ଝାଡ଼ାବାନ୍ତିରେ ଆକାନ୍ତ ମହିଳା ।

**ରାଜକନିକା, ୪।୭(ଡି.ଏନ.ଏ)**

**କେନ୍ଦ୍ରାପଡ଼ା ସିଡିଏମ୍‌ଓ ଦୃଷ୍ଟି ଦେବାକୁ ଦାବି**

ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତର କଣ୍ଡିଆହାଟ ମଳିକ ସାହିରେ ୨୦ ଜଣ ଲୋକ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଛନ୍ତି। କଣ୍ଡିଆହାଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅଭାବରୁ ସେମାନଙ୍କୁ କଟକ ବଡ ମେଡିକାଲ ଓ ଯାଜପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ପଠାଯାଇଛି। ସେମାନଙ୍କର ଅଧିକ ସାଲାଇନ ଲାଗୁଥିବା ଜଣାପଡିଛି। ହେଲେ ସେମାନେ ଏପର୍ଯ୍ୟନ୍ତ ସୁସ୍ଥ ହୋଇନାହାନ୍ତି। ସେହିପରି ଅରଗଳ ଗାଁର ଯେନା ସାହିରେ ୪ ଜଣ ଯୁବକ ଝାଡାବାନ୍ତିରେ ମୃତ୍ୟୁ ହୋଇଥବା କୁହାଯାଇଛି। ସେମାନଙ୍କର କରୋନା ପଜିଟିଭ ଥିବ ଜଣାପଡିଛି। କଣ୍ଡିଆ ମଳିକସାହିର ଲୋକେ ଅରଗଳ ଯେନା ସାହିକୁ ଯାଇ କରୋନା ମହାମାରୀରେ ସଂକ୍ରମିତ ହୋଇଥିବା ଜଣାଯାଇଛି। ତେଣୁ କେନ୍ଦ୍ରାପଡା ସିଡିଏମଓ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଜନସାଧାରଣରେ ଦାବି କରାଯାଇଛି।

# ମୌସୁମୀ ଆରମ୍ଭରେ ଚାଷୀ ରୋଇଲେ ତଳି



ଚାଷୀ ଜମିରେ ତଳି ରୋଉଛନ୍ତି।

**ମହାକାଳପଡ଼ା,୪।୭ (ଡି.ଏନ୍.ଏ.)**

ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ଓଡ଼ିଶାରେ ପ୍ରବେଶ ପରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଚାଷୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ଚାଷୀମାନେ ରଜ ପୂର୍ବରୁ ଜମିରେ ଧାନ ବିହନ ବୁଣା ବୁଣି କରିଥିଲେ। ବର୍ଷା ପରେ ତଳି ପ୍ରସ୍ତୁତ ହୋଇଥିବାରୁ ଚାଷୀମାନେ ପାରମ୍ପରିକ ପ୍ରଥା ଅନୁସାରେ ପ୍ରଥମେ ଜମିରେ ଭୋଗ ଲାଗି କରି ବାର ଦେଖି ରୁଆ କାମ ଅନୁକୂଳ କରିଥାନ୍ତି। ଶୁକ୍ରବାର ବ୍ଲକର ବାରଡାଙ୍ଗ ଓ ବଉଳକଣି ପଞ୍ଚାୟତର ଜମ୍ବୁ, ମାର୍ଶାଘାଇ କେନାଲ ପାର୍ଶ୍ୱ ଜମିରେ ସ୍ଥାନୀୟ ଚାଷୀମାନେ ଜମିକୁ କାଦୁଅ କରି ତଳି ରୋଉଥିବା ଦେଖିବାକୁ ମିଳିଛି। ତେବେ ଅଦ୍ୟାବଧି ଅନେକ ଅଞ୍ଚଳରେ ଲୁଣା ଜଳ ପ୍ରବେଶ ଯୋଗୁ ଧାନ ତଳି ନଷ୍ଟ ହେଉଛି। ସେଥିପାଇଁ ଚାଷୀ ବିଭିନ୍ନ ସମସ୍ୟା ପଡିଛନ୍ତି। ସରକାରୀ ବିହନ ମିଳୁ ନ ଥିବା ଯୋଗୁ ଚାଷୀମାନେ ଖୋଲା ବଜାରରୁ ଶଙ୍କର ଜାତୀୟ ଧାନ ବିହନ କିଣି ଚାଷ କରୁଛନ୍ତି। ଏହି ଧାନ ବିହନ କୋଲକାତା, ଆନ୍ଧ୍ର, ବରଗଡ଼, ସମ୍ବଲପୁର ଆଦି ଅଞ୍ଚଳରୁ ଆସୁଛି। ବିହନକୁ ଖୋଲା ବଜାରରୁ ଚଢା ଦରରେ ଚାଷୀ କିଣିବାକୁ ବାଧ୍ୟ ହେଉଛନ୍ତି। ଶଙ୍କର ଜାତୀୟ ବିହନ ଖୋଲା ବଜାରରେ ୫ କିଗ୍ରା ଓ ୧୦ କିଗ୍ରା ପ୍ୟାକେଟକୁ ଶହେରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଚାଲିଛି। କେତେକ ଅସାଧୁ ବେପାରୀ ଚଢା ଦରରେ ବିହନ ବିକ୍ରି କରୁଛନ୍ତି। ଜିଲା ପ୍ରଶାସନ ଚାଷୀଙ୍କ ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।

**ବ୍ଲକର ବାରଡାଙ୍ଗ, ବଉଳକଣି**

# ଗରଦପୁରରେ ଓସାର ବୈଠକ

**ପାଟକୁରା, ୪।୭ (ଡି.ଏନ.ଏ.)**

ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକସ୍ତରୀୟ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୂଚନା ଅଧିକାର ଆଇନ ସହ ଏଥିରେ ହେଉଥିବା ସମସ୍ୟା ଓ ସାମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଜିଲା ସଂଯୋଜକ ମହାନ୍ତି କହିଛନ୍ତି, ସୂଚନା ଅଧିକାର ଆଇନ ଦୁର୍ନୀତିର ରହସ୍ୟ ଉନ୍ମୋଚନ କରୁଥିବା ବେଳେ ଏବେ କର୍ମୀଙ୍କୁ ମରଣାତ୍ମକ ଆକ୍ରମଣ ହେଉଛି। ସେହିପରି ତଥ୍ୟ ପ୍ରଦାନରେ ଅବହେଳା ହେଉଛି। ଏହାକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବ୍ଲକର ସଂଯୋଜକ ଭାବେ ପବିତ୍ର ପାଣି, ସହ ସଂଯୋଜକ ଅମରେଶ ସେନାପତି ଓ ପରାମର୍ଶଦାତା ଭାବେ ଶୁଭ୍ରାଂଶୁ ମହାନ୍ତି, କ୍ଷୀରୋଦ ପ୍ରସାଦ ସାହୁଙ୍କୁ ମନୋନୀତ କରାଯାଇଛି। ବୈଠକରେ ଗୋଲାମ ରସୁଲ ଖାନ, ନବୀନ କୁମାର ପଣ୍ଡା, ସୁଜିତ କୁମାର ପଟ୍ଟନାୟକ, ରଞ୍ଜିତ କୁମାର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ପୁଣି ଯୌତୁକ ପାଇଁ ହତ୍ୟା

**ପାରାଦୀପ,୪।୭(ସ୍ୱ.ପ୍ର.)**

**ଲକ୍‌ଥାନା ଅଞ୍ଚଳରେ ୩ ଦିନରେ ୨ୟ ଘଟଣା**



ବେବିନା ବେହେରା

ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ସେ ହେଲେ ଥାନା ଅନ୍ତର୍ଗତ ବିଶ୍ୱାଳୀ ଗାଁର ପ୍ରଭାତ ପରିଡାଙ୍କ ସ୍ତ୍ରୀ ବେବିନା ବେହେରା (୨୫)। ଏ ନେଇ ତାଙ୍କ ଭାଇ ମନୋଜଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୮୦/୨୧)ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ୭ ଜୁଲାଇ ୨୦୧୬ରେ ଭଉଣୀ ବେବିନାଙ୍କ ସହ ପ୍ରଭାତଙ୍କ ବିବାହ ହୋଇଥିଲା। ସେତେବେଳେ ବର ଘର ଦାବି ମୁତାବକ ଯୌତୁକ ବାବଦରେ ୫୦ ହଜାର ଟଙ୍କା, ସୁନା ଗହଣା ଓ ଅନ୍ୟ ଆସବାବପତ୍ର ଦିଆଯାଇଥିଲା। ବିବାହର ୬ ମାସ ପରେ ଅଧିକ ଲକ୍ଷେ ଟଙ୍କା ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ଭଉଣୀ ଉପରେ ଚାପ ପକାଇଥିଲେ। ଏହା ମଧ୍ୟରେ ବେବିନାଙ୍କ ଏକ ପୁତ୍ର ହୋଇଥିଲା। ଏବେ ତାକୁ ୨ ବର୍ଷ। ସେ ଦୁରାରୋଗରେ ପୀଡ଼ିତ। ଏ ନେଇ ଉକ୍ତ ଶିଶୁର ଚିକିତ୍ସା ନିମନ୍ତେ ବାପ ଘରୁ ଅଧିକ ଅର୍ଥ ଆଣିବାକୁ ଶ୍ୱଶୁର ଘର ଲୋକେ ବେବିନାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତିରେ ସେମାନେ ତାଙ୍କୁ ମାରି ଘର ପାଖ ବେଲ ଗଛରେ ଝୁଲାଇ ଦେଇଥିଲେ। ଝିଅ ଆତ୍ମହତ୍ୟା କରିଛି ବୋଲି ସେମାନେ ବାପଘର ଲୋକଙ୍କୁ ଜଣାଇଥିଲେ ବୋଲି ମନୋଜ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ସ୍ୱାମୀ ପ୍ରଭାତ ଫେରାର ହୋଇ ଯାଇଛନ୍ତି। ପୋଲିସ ଶାଶୁ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖିଛି।

ଶୁକ୍ରବାର ଏହି ଥାନା ଅନ୍ତର୍ଗତ ନୂଆଗଡ ଗାଁର ବର୍ଷା ରାଣୀ ମଲ୍ଲିକଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ.୧୭୯/୨୧)ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଟୁଟୁ ମଲ୍ଲିକଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

# ମୁକୁଳା ପଡ଼ିଛି ବିଦ୍ୟୁତ ସବ୍‌ଷ୍ଟେଶନ

**ନାଉଗାଁ,୪।୭(ସ୍ୱ.ପ୍ର)**



ବିଦ୍ୟୁତ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଅନେକ ସମୟରେ ଧନ ଜୀବନ ନଷ୍ଟ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତର ଉର ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଏକ ଚାରଣ ପଡ଼ିଆରେ ବିଦ୍ୟୁତ ସବ୍‌ଷ୍ଟେଶନ ରହିଛି। ଦୀର୍ଘଦିନ ହେବ ଏହାର ଚତୁଃପାର୍ଶ୍ୱ ମୁକୁଳା ପଡିଛି। ଏହା ନିକଟରେ କିଛି ବାସଗୃହ ଥିବା ବେଳେ ସ୍ଥାନୀୟ ଲୋକେ ଚାରଣ ଭୂଇଁରେ ଗୋରୁ ବାନ୍ଧିଥାନ୍ତି। ଖରାଦିନେ ଗୃହପାଳିତ ପ୍ରାଣୀ ସେଠାରେ ବୁଲାବୁଲି କରିଥାନ୍ତି।

ମାତ୍ର ସବ୍‌ଷ୍ଟେଶନଟି ମୁକୁଳା ଥିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଜୀବନ ଯିବାର ଆଶଙ୍କା ରହିଛି। ଏହାର ଚତୁଃପାର୍ଶ୍ୱ ଆବଦ୍ଧ କରିବାକୁ ବିଦ୍ୟୁତ୍ ବିଭାଗର ନିୟମ ଥିବାବେଳେ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାକୁ ଆବଦ୍ଧ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ନାଉଗାଁ ଶାଖା ପରିଚାଳକ ଦୀପକ ଭୂଇଁଙ୍କୁ ପଚାରିବାରେ ସେଠାରେ ଏକ ନୂତନ ସବ୍‌ଷ୍ଟେଶନ ବସାଯିବାର ଯୋଜନା ରହିଛି। ନୂତନ ସବ୍‌ଷ୍ଟେଶନ ବସିବା ପରେ ତାହାକୁ ଆବଦ୍ଧ କରାଯିବ ବୋଲି ସେ କହିଛନ୍ତି। ଏ ନେଇ କେବେ ପଦକ୍ଷେପ ନିଆଯିବ ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ପାରାଦୀପ ନେହେରୁବଙ୍ଗଳା ମହାନଦୀ ମୁହାଣ ପଥରବନ୍ଧରେ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।



ଡେରାବିଶ ବ୍ଲକ ଗୋଲରହାଟ ପଞ୍ଚାୟତ ଚଷାଖଣ୍ଡ ଗାଁର ରବୀନ୍ଦ୍ର ବେହେରା ଓ ସ୍ତ୍ରୀ ଆରତି ନିଜର କୁଳ ବେଉସା ପଖିଆ ତିଆରି ସହ ତାଳ ଖଛର ବରଡା ପତ୍ର, ଡାଳା, ଖଜୁରି ପତ୍ରରେ ଛାଞ୍ଚୁଣିକୁ ନିଜର ପେସା ଭାବେ ଆଦରି ନେଇଛନ୍ତି। ସେମାନଙ୍କ ମତରେ ଏବେ ବି ବର୍ଷା ଦିନେ ପଖିଆର ଚାହିଦା ଅଛି। ହେଲେ ତାଳଗଛ କ୍ରମଶଃ ହ୍ରାସ ପାଉଥିବାରୁ ଏହି ବେଉସା ବନ୍ଦ ହେବାକୁ ବସିଛି।

# ଡିଭାଇଡରକୁ ବେଆଇନ ଭାବେ ଭାଙ୍ଗି ଚଳପ୍ରଚଳ

**ଡେରାବିଶ ୪।୭(ସ୍ୱ.ପ୍ର.)**

**ଜାତୀୟ ରାଜପଥରେ ବୃଦ୍ଧି ପାଉଛି ଦୁର୍ଘଟଣା**

ଚଣ୍ଡିଖୋଲଠାରୁ ପାରାଦୀପ ଯାଏ ଯାଇଥିବା ୫୩ ନଂ. (କ) ଜାତୀୟ ରାଜପଥର ଡେରାବିଶ ବ୍ଲକ ପଞ୍ଚୁପାଣ୍ଡବଠାରୁ ଅଁଳାବାଙ୍କ ମଧ୍ୟରେ ରାଜପଥରେ ଥିବା ଡିଭାଇଡରକୁ ବ୍ୟବସାୟ ନିମନ୍ତେ ବେଆଇନ ଭାବେ ଭାଙ୍ଗି ଦେବାରୁ ଏହି ସ୍ଥାନରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଏହି ରାଜପଥର ଛତା ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୀର୍ଘଦିନ ହେବ ଡିଭାଇଡର ଭଙ୍ଗାଯାଇ ଯାନବାହନ ପମ୍ପକୁ ଯିବାଆସିବା କରୁଛି। ପେଟ୍ରୋଲ ପମ୍ପରେ ତେଲ ପକାଇ ରାସ୍ତାର ଅପରପାର୍ଶ୍ୱକୁ ଗାଡ଼ିଚାଳକ ଆସୁଥିବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୁର୍ଘଟଣାରେ ବିଭିନ୍ନ ସମୟରେ ବହୁ ଧନଜୀବନ ହାନି ହୋଇଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ସେହିପରି ରାସ୍ତା ପାର୍ଶ୍ୱରେ ବିଭିନ୍ନ ହୋଟେଲ ଓ ଛୋଟ ଛୋଟ ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନେ ଡିଭାଇଡରକୁ କାଟି ସେମାନଙ୍କର ବ୍ୟବସାୟ ବୃଦ୍ଧି କରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିବା ନେଇ ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ପ୍ରକାଶ କରିଛନ୍ତି। ବେଆଇନ ଭାବେ ଡିଭାଇଡରକୁ କଟାଯାଇ ରାସ୍ତା କରାଯାଇଥିବା ସ୍ଥାନକୁ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ବନ୍ଦ କରିବାକୁ ମହାପାତ୍ର ଦାବି କରିଛନ୍ତି। ଏ ବିଷୟରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଲେ, ଏ ବିଷୟରେ ରାଜପଥ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜଣାଇଛନ୍ତି। ତେବେ ରାଜପଥ ବିଭାଗ ତରଫରୁ ଯଦି କୌଣସି ପଦକ୍ଷେପ ନିଆନଯାଏ, ପରିବହନ ବିଭାଗ ପକ୍ଷରୁ ବେଆଇନ ଭାବେ ଡିଭାଇଡର କାଟୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ପାରାଦ୍ୱୀପଠାରୁ ଚଣ୍ଡିଖୋଲ ଯାଏ ଏହି ରାଜପଥକୁ ଦୁଇଲେନ୍ କରାଯାଇଥିବା ବେଳେ ଦୈନିକ ଶହଶହ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଓ ଅନ୍ୟ ଯାନବାହନ ଚଳାଚଳ କରିଥାଏ।



ଜାତୀୟ ରାଜପଥର ଡିଭାଇଡରକୁ ବ୍ୟବସାୟ ଲାଗି ଭାଙ୍ଗି ଦିଆଯାଇଛି।

## ସଂକ୍ଷେପରେ

### ଫାଣ୍ଡି ସମ୍ମୁଖରେ ମଦ, କୋରେକ୍ସ ବେପାର

**ନୟାଗଡ ଅଫିସ,୪।୭:** ନୟାଗଡ ଜିଲା ଗୋଡିପଡା ଫାଣ୍ଡି ସମ୍ମୁଖରୁ ୨୦ ମିଟର ଦୂରରେ ପ୍ରାୟ ୨୦ ବର୍ଷ ହେଲା ମଦ ଓ କୋରେକ୍ସ ବେପାର ଚାଲିଥିଲା। ଏ ନେଇ କିଛିଦିନ ଧରିତ୍ରୀରେ ଖବର ପ୍ରକାଶନ ପରେ ମଧ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନ ଥିଲା। ତେବେ ପୋଲିସର ସ୍ପେଶାଲ ସ୍କ୍ୱାଡ୍ କିନ୍ତୁ ରବିବାର ଜଳଖିଆ ଦୋକାନରୁ ୬୦୦ରୁ ଊର୍ଦ୍ଧ୍ୱ କୋରେକ୍ସ ବୋତଲ ଓ ବିଦେଶୀ ମଦ ଜବତ କରିଛି। ବେଆଇନ ଭାବେ ମଦ ଓ କୋରେକ୍ସ ବ୍ୟବସାୟ କରିବା ଅଭିଯୋଗରେ ବ୍ୟବସାୟୀ ଲକ୍ଷ୍ମୀଧର ସାହୁ(୫୦)ଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରି ତଦନ୍ତ ଜାରି ରଖିଛି। ତେବେ ଜବତ ନିଶା ସମାଗ୍ରୀ ଉପରେ ଠିକ ତଥ୍ୟ ପ୍ରଦାନ କରିନାହିଁ। ଏ ନେଇ ଗୋଡିପଡାର କେତେଜଣ ଲୋକ ନାମ ଗୋପନ ରଖି କହିଛନ୍ତି, ଫାଣ୍ଡି ସମ୍ମୁଖରେ ମଦ ଓ କୋରେକ୍ସ ବ୍ୟବସାୟ ନେଇ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଅବକାରୀ ଓ ପୋଲିସ ଅଭିଯୋଗକୁ ଅଣଦେଖା କରି ଆସୁଥିଲେ। ବରଂ ମଦ ବିକ୍ରେତାଙ୍କୁ ସହଯୋଗ କରୁଥିଲେ।

### ୧୦୫ ଆକ୍ରାନ୍ତ, ୨ ମୃତ

**ନୟାଗଡ଼ ଅଫିସ, ୪।୭:** ନୟାଗଡ଼ ଜିଲାରେ କରୋନାରେ ୧୦ଦିନରେ ୪୩ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। ରବିବାର ରିପୋର୍ଟରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩, ୮୬୦ରେ ପହଞ୍ଚିଛି। ରବିବାର ରିପୋର୍ଟରେ ଭାପୁର ବ୍ଲକରେ ୮, ଦଶପଲ୍ଲାରେ ୧୧, ଗଣିଆରେ ୪, ଖଣ୍ଡପଡାରେ ୧୦, ନୟାଗଡରେ ୧୬, ନୂଆଗାଁରେ ୯, ଓଡଗାଁରେ ୧୮, ରଣପୁର ବ୍ଲକରେ ୨୦, ନୟାଗଡ ମ୍ୟୁନିସିପାଲିଟିରେ ୯ଜଣ ଅଛନ୍ତି। ପ୍ରକାଶଥାଉ କି କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ନୟାଗଡ଼ ଜିଲାରୁ ୧୦୭ ଜୀବନ ଯାଇଥିବା ଜଣାପଡିଛି।

### ଅଗ୍ନିଶମ ବିଭାଗ ପକ୍ଷରୁ ବୃକ୍ଷରୋପଣ

**ଖଣ୍ଡପଡ଼ା,୪।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ରବିବାର ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଖଣ୍ଡପଡ଼ା ବନପାଳ ଶ୍ରୀନିବାସ ଦାଶ ଓ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଅଗ୍ନିଶମ କର୍ମଚାରୀଙ୍କୁ ଚାରା ପ୍ରଦାନ କରାଯାଇଥିଲା।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭଞ୍ଜନଗର,୪।୭(ଡି.ଏନ.ଏ):** ଭଞ୍ଜନଗର ଥାନା ଅନ୍ତର୍ଗତ ଗୋଲାପଡ଼ାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶ ବରାଡ଼ (୨୨)। ଶନିବାର ରାତିରେ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୨୩/୨୧ରେ ଅପମୃତ୍ୟୁ ମାମଲା ହୋଇଛି।

# ଜମି କିଣାବିକାରେ ଠକେଇକୁ ଲଗାମ ନାହିଁ

## ଜାଲିଆତି କରି ନେଇଛନ୍ତି ଲକ୍ଷାଧିକ ଟଙ୍କା

### ନୟାଗଡ଼ରେ ଦଲାଲ ସକ୍ରିୟ

**ନୟାଗଡ଼ ଅଫିସ, ୪।୭**

ନୟାଗଡ଼ ଜିଲାର ମାନ୍ୟତା ପାଇବା ପରେ ଜିଲା ସଦର ମହକୁମାରେ ଜମି କିଣାବିକା କାରବାର ବଢ଼ିଛି। ଗାଁକୁ ଛାଡି ଅନେକ ପରିବାର ନୟାଗଡ଼ ସହରମୁହାଁ ହୋଇଛନ୍ତି। ଜିଲା ସଦର ମହକୁମାରେ କିଛିଦିନ ଭଡାରେ ରହୁ ରହୁ ସହର ସୁବିଧା ସୁଯୋଗକୁ ଦେଖି ଜମି କିଣି ସବୁବେଳେ ରହିବାକୁ ମନ ବଳାଉଛନ୍ତି। କିଏ ସ୍ୱଳ୍ପ ଦାମ୍‌ରେ ସରକାରୀ ଜମି କିଣିବାକୁ ଆଗ୍ରହ ତ ଆଉ କିଏ କବଲତି ଜମି କିଣି ନିଜର ସୁବିଧା ଅନୁସାରେ ରହିବାକୁ ଇଚ୍ଛା କରୁଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଜମି କିଣାବିକାରେ ଦଲାଲ ହାବୁଡରେ ପଡି ଠକେଇର ଶିକାର ହେଉଛନ୍ତି। ଜମି କିଣା ବିକା ନାଁରେ ଲକ୍ଷାଧିକ ଟଙ୍କା ଦଲାଲମାନେ ଲୁଟି ଚାଲିଛନ୍ତି। ଟଙ୍କା ଦେଇ ବି ନାଁରେ ଜମି ରେଜିଷ୍ଟ୍ରି ହୋଇପାରୁନି। ନାଁରେ ରେଜିଷ୍ଟ୍ରି ହୋଇଥିଲେ ମଧ ବିଭିନ୍ନ କାରଣରୁ ଦଖଲ ନେଇ ପାରୁନାହାନ୍ତି କ୍ରେତା। କିନ୍ତୁ ଦଲାଲମାନେ ଲକ୍ଷାଧିକ ଟଙ୍କା ଠକେଇ କରି ଅୟସ କରୁଛନ୍ତି।

ଅଭିଯୋଗ ଅନୁସାରେ, ନୟାଗଡ ସହରରେ ସରକାରୀ ଓ ବେସରକାରୀ ଜମି ବିକ୍ରି ଚାଲିଛି। ପାହାଡ ପର୍ବତ ଘେରା ଜିଲାର ସଦର ମହକୁମାର ପାହାଡ ପାଦଦେଶ ଜମି ବି ଜବରଦଖଲରେ। କେତେଜଣ ମୁଣ୍ଡିଆ ଉପରେ ବି ଘର ନିର୍ମାଣ କରି ରହୁଛନ୍ତି। ତେବେ ଜବରଦଖଲ କରି କେତେଜଣ ଲୋକ ଜମିକୁ ବିକି ଭଲ ଟଙ୍କା ରୋଜଗାର କରୁଛନ୍ତି। ଏଭଳିଆ ଲୋକଙ୍କଠାରୁ ଜମି କିଣୁଥିବା ବ୍ୟକ୍ତି ଜମିକୁ ରେଜେଷ୍ଟ୍ରି କରି ପାରୁ ନ ଥିଲେ ମଧ ଲକ୍ଷାଧିକ ଟଙ୍କା ଦେଇ ଜମି କିଣୁଛନ୍ତି। ପରେ ପୁଣି ଜମିକୁ ମଧ ଦଲାଲ ମାଧ୍ୟମରେ ବିକ୍ରି କରୁଛନ୍ତି। ସରକାର ଜାଗା ମିଶନ ଜରିଆରେ ଜବରଦଖଲକାରୀଙ୍କୁ ଜମି ପଟ୍ଟା ଯୋଗାଇବା ପରେ ନୟାଗଡରେ ଜବରଦଖଲ ବଢ଼ି ଚାଲିଛି। କିଛି ଦଲାଲ ଜବରଦଖଲ କରି ସରକାରୀ ଜମି କିଣାବିକା କରି ଲାଭବାନ ହେଉଛନ୍ତି। ସରକାରୀ ଜମି ଲକ୍ଷାଧିକ ଟଙ୍କାରେ ବିକ୍ରି ସତ୍ତ୍ୱେ ପ୍ରଶାସନର ପଦକ୍ଷେପ ନାହିଁ। ଅନ୍ୟପକ୍ଷେ କବଲତି ଜମିର କିଣାବିକା ପାଇଁ କେତେଜଣ ଦଲାଲ ଜମି ମାଲିକଙ୍କ ସହ କଥାବାର୍ତ୍ତା କରି ଜମି ବିକ୍ରି କରୁଛନ୍ତି। ଏଥିପାଇଁ ସେମାନେ କ୍ରେତା ଓ ବିକ୍ରେତାଙ୍କଠାରୁ କମିଶନ ପାଉଛନ୍ତି। କମିଶନ ପାଇ ବି ଅନେକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ଜମିକୁ ରେଜିଷ୍ଟ୍ରି କରୁନାହାନ୍ତି। ଆଜିକାଲି କହି ସମୟ ଗଡାଇ ଚାଲିଛନ୍ତି। କେତେଜଣ ଲୋକ ରେଜିଷ୍ଟ୍ରି କରି ଚେକ୍ ନ ଦେଇ ପୁଣି ଜମି ଫେରାଇ ନେଉଛନ୍ତି। ପୁଣି ଜମି ଦେଖାଉଛନ୍ତି ଗୋଟିଏ ସ୍ଥାନରେ ବିକ୍ରି କରୁଛନ୍ତି କାଗଜାତରେ ଅନ୍ୟ ସ୍ଥାନରେ। ଦଖଲ କରିବାକୁ ନେଇ ଗଣ୍ଡଗୋଳ, ମାରପିଟ ଉତ୍ତେଜନା ଲାଗିରହୁଛି। ଏଭଳି ଠକେଇର ଶିକାର ପୋଲିସ, ଖବରଦାତା, ଶିକ୍ଷକ, କିରାଣିଙ୍କ ପରି ଅନେକ ଲୋକ ଫସୁଛନ୍ତି। ତଥାପି ଦଲାଲ ମାଧ୍ୟମରେ ଜମି କିଣାର ନିଶାଙ୍କୁ ଅନେକ ଛାଡି ନ ପାରି ଠକେଇରେ ପଡୁଛନ୍ତି। ଏ ନେଇ ଜଣେ ପୋଲିସ ଅଧିକାରୀ କହିଛନ୍ତି, ନୟାଗଡରେ ଅବସ୍ଥାପିତ ଥିବାବେଳେ ୧୩ଲକ୍ଷ ଟଙ୍କା ଜଣେ ଦଲାଲ ମୋଠାରୁ ନେଇ ଯାଇଛନ୍ତି। ଜମି ନାଁରେ ରେଜିଷ୍ଟ୍ରି କରି ନ ପାରିବାରୁ ଟଙ୍କା ଫେରାଇ ନାହାନ୍ତି। ଯେଉଁ ଦଲାଲ ଏତେ ଟଙ୍କା ନେଇଛନ୍ତି ତାଙ୍କ ନିଜସ୍ୱ ଘର ବିକ୍ରି କଲେ ମଧ ଅଧା ଦାମ ହେବନି। ମୋ ପରି ଅନେକ ଲୋକ ଠକେଇର ଶିକାର ହୋଇଛନ୍ତି।

## ଦିନରେ ଲଣ୍ଠନ ଜାଳି ଧାରଣା

ଜମି କିଣା ଠକେଇର ଶିକାର ହୋଇଥିବା ଖବରକାଗଜ ବିକ୍ରେତା ନୟାଗଡ଼ର କାଶୀନାଥ ମିଶ୍ର ୭ ଲକ୍ଷ ଫେରି ପାଇବାକୁ ଟଙ୍କା ନେଇଥିବା ଲୋକଙ୍କ ଘର ସମ୍ମୁଖରେ ନୟାଗଡ ଟାଉନ ଥାନାର ରତନପୁରରେ ରବିବାର ଧାରଣା ଦେଇଛନ୍ତି। କାଶୀନାଥ ଦିନ ବେଳା ଲଣ୍ଠନ ଜାଳି, ସପ ପକାଇ ଏହି ଧାରଣା ଦେଇଛନ୍ତି। ଖବରପାଇ ନୟାଗଡ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଧାରଣା ଦେଇଥିବା କାଶୀନାଥଙ୍କୁ ଉଠାଇ ତାଙ୍କୁ ନ୍ୟାୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଘର ସମ୍ମୁଖରେ ଧାରଣା ଦେବା ଦେଖି ଟଙ୍କା ନେଇଥିବା ପରିବାରର ସଦସ୍ୟମାନେ ଲୁଚି ପଳାଇ ଯାଇଥିଲେ। ଏ ନେଇ କାଶୀନାଥ କୁହନ୍ତି, ମୋ ଘର ନୟାଗଡ ବ୍ଲକର ମାନ୍ଧତାପୁର ଗାଁରେ। ନୟାଗଡରେ ରହିବା ପାଇଁ ବହୁ କଷ୍ଟରେ ୭ ଲକ୍ଷ ଟଙ୍କା ସଂଗ୍ରହ କରି ଜମି କିଣିବାକୁ ପ୍ରୟାସ କରିଥିଲି। ରତନପୁର ଗାଁର ଜଣେ ବ୍ୟକ୍ତି ନୟାଗଡରେ ଏକ ଜମି ଦେଖାଇ ମୋଠାରୁ ଟଙ୍କା ନେଇ ରେଜିଷ୍ଟ୍ରି କରିବାକୁ କହିଥିଲେ। ଟଙ୍କା ନେବା ପରେ ଭାଲିଆଡିହିର ଜଣେ ମହିଳାଙ୍କ ଦ୍ୱାରା ଜମି ରେଜିଷ୍ଟ୍ରି କଲେ। ମୋତେ ଅସଲି ଚେକ୍ ନ ଦେଇ ନକଲି ଚେକ୍ ଦେଲେ। ଜମି ମଡାଣ ନେବା ବେଳକୁ ଉତ୍ତେଜନା ଦେଖାଦେଲା। ପରେ ମୋତେ ଆଉ ଏକ ଜମି ଦେବେ କହି ରେଜିଷ୍ଟ୍ରି ବାତିଲ କଲେ। ମୋତେ ଆଉ ନୂଆ ଜମି ଦେଲେନି। ଟଙ୍କା ଫେରାଇଲେ ନାହିଁ। ଇତିମଧ୍ୟରେ ୫ ବର୍ଷ ବିତି ଯାଇଥିଲେ ମଧ ମୋ ଟଙ୍କା ମୁଁ ପାଇ ପାରିନାହିଁ। ଏ ନେଇ ପୋଲିସଠାରେ ଅଭିଯୋଗ କରି ନ୍ୟାୟ ପାଇଲିନି। ଧାରଣା ଦେବା ପରେ ନ୍ୟାୟ ନ ପାଇଲେ ଟଙ୍କା ନେଇଥିବା ଲୋକଙ୍କ ଘର ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ସେ କହିଛନ୍ତି।



ଜମିକିଣି ଠକେଇର ଶିକାର ହୋଇଥିବା କାଶୀନାଥ ଟଙ୍କା ଫେରି ପାଇବାକୁ ଲଣ୍ଠନ ଜାଳି ଦଲାଲଙ୍କ ଘର ସମ୍ମୁଖରେ ଧାରଣା ଦେଇଛନ୍ତି।

### ଫ୍ରି ଫାୟାର ଖେଳ ନେଲା ଛାତ୍ରଙ୍କ ଜୀବନ

**ନୟାଗଡ ଅଫିସ,୪।୭**

ମୋବାଇଲରେ ଫ୍ରି ଫାୟାର ଖେଳ ଜଣକ ପରେ ଜଣଙ୍କ ଜୀବନ ନେଉଛି। ହେଲେ ଏ ନେଇ ସଚେତନତା ଅଭାବରୁ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ଆବୋରି ନେଉଥିବା ଅଭିଯୋଗ ଉଠିଛି। ପ୍ରାପ୍ତ ସସୂଚନା ଅନୁସାରେ, ନୟାଗଡ ନବୋଦୟ ବିଦ୍ୟାଳୟର ଜଣେ ୧୬ ବର୍ଷର ଛାତ୍ର ଏହି ଖେଳ ଖେଳୁଥିଲେ। ସେ ରଶି ଦେଇ ଆତ୍ମହତ୍ୟା କରିବା ପରେ ମୃତକଙ୍କ ପରିବାରରେ ଚୁଲି ଜଳୁନି। ତେବେ ଖଣ୍ଡପଡା ଅଞ୍ଚଳର ଛାତ୍ରଙ୍କ ପରିବାର ଏ ନେଇ ଥାନାରେ ଅଭିଯୋଗ କରି ନ ଥିଲେ ମଧ ସରକାର ଏପରି ଖେଳକୁ ବ୍ୟାନ କରିବାକୁ ନିବେଦନ କରିଛନ୍ତି।

### ବିଶିଷ୍ଟ କବିରାଜ ବାସୁଦେବଙ୍କ ପରଲୋକ

**ଦଶପଲ୍ଲା,୪।୭ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ୍ କଲସାଖମଣ ପଞ୍ଚାୟତ ଉଲିସାହି ଗ୍ରାମର ବିଶିଷ୍ଟ କବିରାଜ ବାସୁଦେବ ସାହୁ (ଧୋବା ଭାଇ)ଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୨ବର୍ଷ ବୟସ ହୋଇଥିଲା। ସେ ନିଜେ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ଥାଇ ମଧ ପ୍ରାୟ ୩୦ବର୍ଷ ଧରି ଲୋକମାନଙ୍କ ଜୀବନ ରକ୍ଷା କରିଥିଲେ। ବିଷାକ୍ତ ସାପ, କଣ୍ଟିଆ ବିଛା ଓ ଅନ୍ୟାନ୍ୟ ଜୀବଜନ୍ତୁ କାମୁଡାରେ ତାଙ୍କ ଚେରମୂଳି ଔଷଧ କାମ କରୁଥିଲା। ସେଥିପାଇଁ ବିଷଝଡ଼ା କବିରାଜ ବୋଲି ସେ ପରିଚିତ ଥିଲେ।

Indian Port Rail & Ropeway Corporation Ltd. SAGARMALA
(A JV Company Under Ministry of Ports, Shipping & Waterways, Govt. of India)
TENDER NOTICE
Tender No IPRCL/BBS/T/PPT-TMW/1
Dated- 02.07.2021.
IPRCL invites e-tender for (i) Track linking work between the bot down line and the existing siding no.18-19 and siding 6 & 7 & (ii) Laying of crossover from load line no.2 to load line no.1 in the tippler yard & improvement on post tippling line including upgradation of the auto spring point from 90r to 52 kg of Paradip Port Trust.
Bidding document will be available for downloading from 03.07.2021 on the website **www.etenders.gov.in/eprocure/app.** Any corrigendum/addendum would be hosted on the above website only.

# ଚାପରେ ଚାପି ହୋଇଗଲା ବ୍ଲକ୍ ପ୍ରଶାସନ

## ନିମ୍ନମାନର ପୋଲ ନିର୍ମାଣ

- ପୋଲର ସ୍ଥାୟିତ୍ୱ ନେଇ ଉଠିଛି ପ୍ରଶ୍ନବାଚୀ

**ନୂଆଗାଁ,୪।୭( ଡି.ଏନ.ଏ)**

ନୟାଗଡ଼ ଜଲା ନୂଆଗାଁ ବ୍ଲକ୍‌ରେ ହେଉଥିବା ଉନ୍ନତି ମୂଳକ କାର୍ଯ୍ୟର ମାନ ପ୍ରତି ବାରମ୍ବାର ଆଙ୍ଗୁଳି ଉଠୁଥିଲେ ମଧ ପ୍ରଶାସନ ନୀରବଦ୍ରଷ୍ଟା ସାଜୁଛି। ଏ ନେଇ ପୂର୍ବରୁ ଅନେକ ବାର ଅଭିଯୋଗ ହୋଇଥିଲେ ମଧ କାମ ଅବସ୍ଥାରେ ସୁଧାର ଆସୁନାହିଁ। ପୁନର୍ବାର ସେଭଳି ନିମ୍ନମାନର କାମ ହେଉଥିବା ଦେଖିବାକୁ ମିଳିଛି କୋଶଳାଙ୍ଗ ପୋଲ ନିର୍ମାଣ କ୍ଷେତ୍ରରେ। ଠିକାଦାର ଯନ୍ତ୍ରୀଙ୍କୁ ହାତ କରି ଲୁଟୁଛନ୍ତି ପୋଲ ନିର୍ମାଣ ଟଙ୍କା। ନେତାଙ୍କ ଚାପରେ ଚାପି ହୋଇ ଦୁର୍ନୀତିକୁ ଘଷ୍ଟ ଘୋଡ଼ାଉଛି ବ୍ଲକ୍ ପ୍ରଶାସନ। ୮ ଲକ୍ଷ ଟଙ୍କାର ସରକାରୀ ଅନୁଦାନରେ ନିମ୍ନମାନର ପୋଲ ନିର୍ମାଣ କାର୍ଯ୍ୟ କରାଯାଉଥିବା ନେଇ ଅଭିଯୋଗ ପରେ ତଦନ୍ତ ନ କରି ବ୍ଲକ ପ୍ରଶାସନ ଚୁପଚାପ ବସି ରହିଛି। ତେଣୁ ପୋଲର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି।

ସୂଚନାଥାଉକି, ଆଦିବାସୀ ବହୁଳ ଜିଗିନିପଡାଠାରୁ କୋଶଳାଙ୍ଗ ରାସ୍ତା ନିର୍ମାଣ ପାଇଁ ଲୋକେ ବାରମ୍ବାର ନେତା, ମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି। କିନ୍ତୁ ବର୍ଷ ପରେ ବର୍ଷ ବିତି ଯାଉଥିଲେ ମଧ କାମ ନ ହୋଇ ପଡି ରହିଛି। ବର୍ଷାଦିନ ଆସିଲେ ବାଘୁଆ ନଦୀ ପାଶ୍ୱବର୍ତ୍ତୀ ଲୋକ ଭୟଭିତ ହୋଇପଡନ୍ତି। ଯାତାୟାତର ସୁବିଧା ନ ଥିବାରୁ ଲୋକମାନେ ଗାଁରେ ବନ୍ଦୀ ହୋଇ ରହୁଛନ୍ତି। ଗ୍ରାମବାସୀ ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବିଧାୟକ ଲୋକଙ୍କ ଅସୁବିଧାକୁ ଦେଖି ପ୍ରଥମେ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ କରିବାକୁ ଅନୁଦାନ ଦେଇଥିଲେ। ପୋଲ ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଗଲା। ମାତ୍ର ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ଠିକାଦାର ନିମ୍ନମାନର ପୋଲ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ତଳ ପିଲାର ଢଳେଇରେ ନିମ୍ନମାନର ବାଲି, ଲୁହା ରଡ଼ ଦେଇ ତିଆରି କରାଯାଉଛି। ବିଧାୟକଙ୍କ କାମ ହୋଇଥିବାରୁ ଯନ୍ତ୍ରୀ କେବେ ସେହି ସ୍ଥାନକୁ ଯାଇ ନାହାନ୍ତି। ଠିକାଦାର ଯାହା କରୁଛନ୍ତି କରନ୍ତୁ ସେଥିରେ ସନ୍ତୁଷ୍ଟ ହେବାକୁ ପଡିବ ବୋଲି କୁହାଯାଉଛି। ତେବେ ଅପାନ୍ତରିଆ ସ୍ଥାନରେ ପୋଲ ନିର୍ମାଣ ବେଶ୍ ଠିକାଦାରକୁ ସୁହାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସବୁ ଠିକ୍ ଠାକ୍ ଥିବା କହି ନିଜ ଉପରୁ ଦୋଷ ଛଡେଇଛନ୍ତି। ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ନୂଆଗାଁ ବିଡିଓ ପ୍ରମୋଦ କୁମାରଙ୍କୁ ପଚାରିବାରେ ଯନ୍ତ୍ରୀଙ୍କୁ ଠିକ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହି କାର୍ଯ୍ୟର ମାନ ନିରୂପଣ କରିବା ସହ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।


ନିର୍ମାଣାଧୀନ ପୋଲ।

### ଶ୍ରୀଜୀଉଙ୍କ ପାଇଁ ଆସିଲା ଧଳାଫୁଲ, ତୁଳସୀ

**ଖଣ୍ଡପଡ଼ା,୪।୭(ସ୍ୱ.ପ୍ର.)**

ଶ୍ରୀନୀଳମାଧବ ଜୀଉଙ୍କ ପୀଠରେ ବିରାଜିତ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବେ ଅନବସରରେ ରହିଛନ୍ତି। ସେଥିପାଇଁ ବୁଧବାର ୩ ଠାକୁରଙ୍କ ପାଇଁ ଢେଙ୍କାନାଳ ଜିଲା ଓଡ଼ପଡା ବ୍ଲକ୍ ଅଧୀନ ଏକଘରିକିଆ ଗ୍ରାମର ଶରଣ ଶ୍ରୀକ୍ଷେତ୍ରରୁ ବିଭିନ୍ନ ଧଳାଫୁଲ, ତୁଳସୀ ଓ ଫଳ ଆସିଛି। ଭକ୍ତ ଚିଣ୍ଟୁ ବାବା ଏହି ସାମଗ୍ରୀ ଆଣି ଏଠାରେ ପହଞ୍ଚିବା ପରେ ସେବାୟତଙ୍କୁ ଅର୍ପଣ କରିଛନ୍ତି। ସୋମବାର ଠାକୁରଙ୍କ ଖଡିଲାଗି ଉତ୍ସବ ଥିବାରୁ ଚିଣ୍ଟୁବାବା ନିଜ ବାଇକରେ ଉପରୋକ୍ତ ସାମଗ୍ରୀ ନେଇ ଆସିଛନ୍ତି। ନୀଳମାଧବ ପୂଜକ ସମାଜ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

## ଇଟାମାଟିରେ କରୋନା ସଚେତନତା ଶୋଭାଯାତ୍ରା


ଆଶା, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ ଗାଁରେ ବୁଲି କରୋନା ସଚେତନତା କରୁଛନ୍ତି।

**ନୟାଗଡ ଅଫିସ,୪।୭**

ଗାଁ କଲ୍ୟାଣ ସମିତି ପକ୍ଷରୁ ଇଟାମାଟି ପଞ୍ଚାୟତର ବିଭିନ୍ନ ୱାର୍ଡରେ କରୋନା ସଚେତନତାର ବାର୍ତ୍ତା ପହଞ୍ଚାଇବାକୁ ଶୋଭାଯାତ୍ରା ପରିକ୍ରମା କରିଛି। ଅନ୍ୟପକ୍ଷେ ଏ ନେଇ ଏକ ସଭା ଇଟାମାଟି ପଞ୍ଚାୟତ କାର୍ଯ୍ୟାଳୟରେ କରାଯାଇଛି। ଏଥିରେ ସରପଞ୍ଚ ସୋନାଲିକା ମଲ୍ଲିକ, ସଭାପତି ଲକ୍ଷ୍ମିପ୍ରୀୟା ଦାସ, ଅଙ୍ଗନୱାଡି କର୍ମୀ ସରୋଜିନି ସାହୁ, ୱାର୍ଡମେମ୍ବର ମଦନ ମୋହନ ମହାନ୍ତି, ସୁରେଶ ଲେଙ୍କା, ବୁଧେଇ ଦେଈ, କୃଷ୍ଣ ନାୟକ, ଆଶା କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

# ହୋଟେଲରେ ମଉଜମସ୍ତି, ଭୋଜିଭାତ

## ଶଟ୍‌ଡାଉନରେ ବାହାଘର ରିସେପଶନ

- କୋଭିଡ କଟକଣା ଶୀତଳଭଣ୍ଡାରରେ
- ପୋଲିସର ନୀରବତା ନେଇ ଉଠିଲା ପ୍ରଶ୍ନ

**ନୟାଗଡ଼ ଅଫିସ,୪।୭**

କରୋନା ସଂକ୍ରମଣ ଦୃଷ୍ଟିରୁ ବି' କାଟେଗୋରିରେ ଥିବା ନୟାଗଡ଼ ଜିଲାରେ ଶଟ୍‌ଡାଉନରେ ଏକ ହୋଟେଲରେ ବାହାଘର ରିସେପଶନ ପାର୍ଟି ଚାଲିଥିଲା। ରଣପୁର ବ୍ଲକ ଚାନ୍ଦପୁର ଥାନା କୋଲକାତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥ କଡରେ ଥିବା ଏହି ହୋଟେଲରେ ଶନିବାର ସନ୍ଧ୍ୟା ୭ଟାରୁ ପ୍ରାୟ ୪ ଘଣ୍ଟା ଧରି ଭୋଜିଭାତ ଓ ମସଗୁଲର ଆସର ଲାଗି ରହିଥିଲେ ମଧ ପୋଲିସ ନୀରବ ରହିଥିଲା। ଚାନ୍ଦପୁର ଥାନା ଠାରୁ ପ୍ରାୟ ୨କିମି ଦୂରରେ ଥିବା ଏହି ହୋଟେଲ କଟେଜରେ କୋଭିଡ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିଲା। ରିସେପ୍‌ଶନ ପାର୍ଟିରେ ଯୋଗ ଦେଇଥିବା ଅଧିକାଂଶଙ୍କ ମୁହଁରେ ମାସ୍କ ନ ଥିଲା। ପୁଣି ସାମାଜିକ ବ୍ୟବଧାନକୁ ଫୁ। ୨୫ ଜଣଙ୍କୁ ମିଳିଥିବା ଅନୁମତି ସ୍ଥାନରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ଖବର ଅନୁସାରେ, ୮୦୦ ରୁ ୧ ହଜାର ଲୋକଙ୍କ ପାଇଁ ହୋଇଥିଲା ରୋଷେଇ। ଶନିବାର ସନ୍ଧ୍ୟାର ଏଭଳି କିଛି ଦୃଶ୍ୟ ଚାନ୍ଦପୁର ଏକ ହୋଟେଲ କଟେଜରେ ଦେଖିବାକୁ ମିଳିବା ପରେ ପୋଲିସର କାର୍ଯ୍ୟନେଇ ପ୍ରଶ୍ନ ଉଠିଥିଲା। କେତେଜଣ ଲୋକ ଏହାର ଭିଜୁଆଲ କରି ସାମାଜିକ ଗଣମାଧ୍ୟମରେ ଛାଡି ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି, ଆଇନ କ'ଣ ଦୁଇ ପ୍ରକାରର। ଗରିବ ଲୋକଙ୍କ ଗୋଟିଏ ଓ ପ୍ରଭାବଶାଳୀ ଲୋକଙ୍କ ପାଇଁ ଆଉ ଗୋଟିଏ। ଗତ ୨ ତାରିଖରେ ଚାନ୍ଦପୁର ବଜାରରେ ଜଣେ ଉଠା ବ୍ୟବସାୟୀ କୋଭିଡ୍ କଟକଣାର ନିୟମ ମୁତାବକ ଦୋକାନ ବନ୍ଦ କରିବାରେ ୬ ମିନିଟ୍ ବିଳମ୍ବ କରିବାରୁ ୫୦୦ ଟଙ୍କା ଫାଇନ ଦେବାକୁ ପଡିଥିଲା। ଉଠା ଦୋକାନୀଙ୍କ କିଛି ରୋଜଗାର ହୋଇ ନ ଥିବାରୁ ସେ କାକୁତି ମିନତି ହୋଇଥିଲେ ମଧ ପୋଲିସ ଶୁଣି ନ ଥିଲା। ପୋଲିସ ତାଙ୍କଠାରୁ ୫୦୦ଟଙ୍କା ଫାଇନ କାଟିଥିଲା। ସେହି ପୋଲିସ ପ୍ରଭାବଶାଳୀ ଲୋକଙ୍କ ଚାପରେ ଚେପା ହୋଇ ଜାଣିଶୁଣି ରିସେପଶନ ପାର୍ଟିକୁ ବିଳମ୍ବରେ ଆସିଥିବା ଅଭିଯୋଗ ରହିଛି।

କିଛି ଲୋକଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଏକ ପରିବାର ଚାନ୍ଦପୁରଠାରେ ଥିବା ହୋଟେଲରେ ରିସେପଶନ ପାର୍ଟି କରିଥିଲେ। ନିଜ ଜିଲାକୁ ଛାଡି ସେ କାହିଁକି ନୟାଗଡ ଜିଲାକୁ ପସନ୍ଦ କଲେ, ଶଟ୍‌ଡାଉନ ସମୟରେ ତାଙ୍କୁ ପାର୍ଟି କରାଇବାରେ କିଏ ସାହସ ଦେଲା। ଏଭଳି ଘଟଣାକୁ ନେଇ କେତେଜଣ ଲୋକ ପୋଲିସକୁ ସମାଲୋଚନା କରିଥିଲେ। ତଥାପି ଚାନ୍ଦପୁର ପୋଲିସକୁ କେତେଜଣ ଲୋକ ଅବଗତ କରାଇଥିଲେ। ଖବର ଦେବାରେ ପୋଲିସ ଏଭଳି ଘଟଣାକୁ ଅସ୍ୱୀକାର କରିଥିଲା। ଏ ନେଇ କେତେଜଣ ଲୋକ ଏସ୍‌ପିଙ୍କୁ ମଧ ଫୋନ କରିଥିଲେ। ପୋଲିସ ଜାଣିଶୁଣି ବିଳମ୍ବରେ ପହଞ୍ଚିବାବେଳକୁ ଭିଡ କମି ଯାଇ ଶୂନଶାନ ଥିଲା। ପୋଲିସ ପହଞ୍ଚି ରିସେପଶନ ଭୋଜିକୁ କ୍ଲିନ ଚିଟ୍ ଦେଇ ସବୁ କିଛି ଠିକ୍‌ଠାକ ଥିଲା କହି ଚାଲି ଯାଇଥିଲା ବୋଲି କେତେଜଣ ଲୋକ ନାଁ ଗୋପନ ରଖି କହିଛନ୍ତି। ଏ ନେଇ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ କୁହନ୍ତି, କୋଭିଡ୍ ନିୟମକୁ ଅଣଦେଖା କରିଥିବା ଅଭିଯୋଗରେ ଚାନ୍ଦପୁର ଥାନାରେ ଏକ ମକଦ୍ଦମା ହୋଇଛି। ଅନ୍ୟପକ୍ଷେ ଆୟୋଜନକାରୀଙ୍କଠାରୁ ୨୦ ହଜାର ଟଙ୍କା ଫାଇନ ଆଦାୟ ହୋଇଥିବା ସେ କହିଛନ୍ତି।


ହୋଟେଲରେ ବିବାହ ରିସେପ୍ସନ ଭୋଜିରେ ଗହଳି।

## ସଂକ୍ଷେପରେ

### ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ

ଦଶପଲ୍ଲା,୪।୭(ଡି.ଏନ.ଏ.): ୭୨ତମ ବନମହୋତ୍ସବ ପାଳନ ଅବସରରେ ରବିବାର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦମକଳ ଅଫିସ ପରିସରରେ ବୃକ୍ଷ ରୋପଣ କରିଛନ୍ତି । କାହ୍ନୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନବିଭାଗ ରେଞ୍ଜ ଅଫିସର ନିଖିଳେଶ ମଲ୍ଲିକ ଏବଂ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ ।

### ଆଜିଠୁ ପିଜି ଇଣ୍ଟରନାଲ ପରୀକ୍ଷା

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୪।୭: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ପ୍ରଥମ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ସୋମବାର ଅନ୍‌ଲାଇନ୍ ମାଧ୍ୟମରେ ଆରମ୍ଭ ହେବ। ଏନେଇ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ଼. ସୁରେନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ମିଳିଥିବା ସୁଚନା ମୁତାବକ, ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ୯୫୦ ଛାତ୍ରୀଛାତ୍ର ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ଦେବେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ ସମସ୍ତ ବିଭାଗୀୟ ମୁଖ୍ୟ ଇଣ୍ଟରନାଲ ପରୀକ୍ଷାର ଦାୟିତ୍ୱ ନିର୍ବାହ କରିବେ। ପରୀକ୍ଷା ନିର୍ଦ୍ଧାରିତ ସମୟ ୫ ମିନଟ ପୂର୍ବରୁ ପରକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ୱେବ୍‌ସାଇଟରେ ମିଳିବ। ପରୀକ୍ଷାର୍ଥୀ ନିଜର ସମ୍ପୂର୍ଣ୍ଣ ପରିଚୟ ବିବରଣୀ ସହ ଉତ୍ତର ଖାତା ସଂଖ୍ୟା ଉଲ୍ଲେଖ କରି ପିଡ଼ିଏଫ ଦ୍ୱାରା ୱେବ୍‌ସାଇଟରେ ଦାଖଲ କରିବେ । ଏଥିନିମନ୍ତେ ପରୀକ୍ଷାର୍ଥୀଙ୍କୁ ୧୫ ମିନଟ ସମୟ ଦିଆଯାଇଥିବା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କଠାରୁ ପ୍ରକାଶ।

### ଫିରିଙ୍ଗିଆରେ ଗୋଷ୍ଠୀ ସଂଘର୍ଷ, ୯ ଗିରଫ

ଫୁଲବାଣୀ ଅଫିସ, ୪।୭: କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କେଳାପଡା ଅଞ୍ଚଳରେ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ୯ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଫିରିଙ୍ଗିଆ ଥାନା ଗଞ୍ଜୁପାଙ୍ଗା ଗାଁର ଭ୍ରମର ଦିଗାଳ, ବେଲାରସେନ ଦିଗାଳ, ପ୍ରତାପ ଦିଗାଳ, ବାଳକୃଷ୍ଣ ଦିଗାଳ, କେଳାପଡା ଗାଁର ଟୁକୁନା ଦିଗାଳ, ଆନନ୍ଦେଶ୍ୱର ନାଏକ, ଅଶ୍ୱଜିତ ନାଏକ, ରାକେଶ ପ୍ରଧାନ ଓ ଆମ୍ବେଦକର ବାଗ । ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। କେଳାପଡା ଗାଁର ଟୁକୁନା ଓ ଆନନ୍ଦେଶ୍ୱର ଗତ ବର୍ଷ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ରାଇକିଆ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ । ଜେଲ ଯିବା ଘଟଣାକୁ ନେଇ ତାଙ୍କ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଦୀର୍ଘଦିନ ଧରି କୁହୁଳୁଥିବା ଅସନ୍ତୋଷ ଶୁକ୍ରବାର ଉଗ୍ରରୁପ ଧାରଣ କରିଥିଲା । ଉଭୟ ଗୋଷ୍ଠୀ ମାରପିଟ ହେବାରୁ ପ୍ରାୟ ସମସ୍ତେ ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଫିରିଙ୍ଗିଆ ଥାନାରେ ଏତଲା ଦିଆଯାଇଥିଲା । ପୋଲିସ ପୃଥକ ଦୁଇ ମାମଲା ନଂ.୭୪/ ଏବଂ ୭୬/୨୧ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରୀ ପି. ଶ୍ୟାମ ସୁନ୍ଦର ରାଓଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଉଭୟ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରାଯାଇଛି।

# ଅନ୍ୟଙ୍କୁ ବାସ ଯୋଗାଉଥିବା ମଣିଷ ଆଜି ବାସହରା

- ଜଣେ ପୂର୍ବତନ ସରପଞ୍ଚଙ୍କ ଦୁଃଖ
- ମୁଣ୍ଡ ଗୁଞ୍ଜିବାକୁ ଛାତ ନାହିଁ
- ଆବାସ ଯୋଜନା ସାତ ସପନ

ଗଣିଆ,୪।୭ (ଡି.ଏନ.ଏ.)

ଦିନେ ଗରିବ ବାସହୀନଙ୍କ ପାଇଁ ସରକାରଙ୍କ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରତିଦିନ ସଂଗ୍ରାମ କରୁଥିବା ମଣିଷ ଆଜି ବାସହରା । ସରକାରଙ୍କ ଆବାସ ଯୋଜନା ତାଙ୍କ ପାଇଁ ସାତସପନ। ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅର୍ଜୁନ ସାମଲଙ୍କ କ୍ଷେତ୍ରରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି । ବାସହୀନ ଲୋକମାନଙ୍କ ପାଇଁ ସରକାର ପ୍ରତିବର୍ଷ ଆବାସ ଯୋଜନାରେ ଘର ମଞ୍ଜୁର କରୁଥିଲେ ମଧ୍ୟ ଅର୍ଜୁନଙ୍କ ପାଇଁ ତାହା ଅପହଞ୍ଚ ହୋଇଛି ।

୧୯୮୨ରୁ ୮୭ ପର୍ଯ୍ୟନ୍ତ ଛାମୁଣ୍ଡିଆ ସରପଞ୍ଚ ଥିଲେ ଅର୍ଜୁନ । କ୍ଷମତାରେ ଥିବା ସମୟରେ ପଞ୍ଚାୟତର ଏକାଧିକ ବାସହୀନ ପରିବାରଙ୍କୁ ସରକାରୀ ଯୋଜନାରେ ଟାଇଲି ଘର ଯୋଗାଇ ଦେଇଥିଲେ । ଏଥିସହ ଗରିବ ଚାଷୀ ଓ ବ୍ୟବସାୟୀମାନଙ୍କୁ କ୍ଷୁଦ୍ର ଋଣ ମଞ୍ଜୁର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ହେଲେ ନିଜ ପାଇଁ ସେ କିଛି କରି ନ ଥିଲେ । ଏବେ



ଭଙ୍ଗା କୁଡିଆରେ ଅର୍ଜୁନଙ୍କ ସ୍ତ୍ରୀ ବାଲୁ ଓ ଦିବ୍ୟାଙ୍ଗ ପୁଅ ବିଧୁଭୂଷଣ ।

ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ । ଅନ୍ୟପକ୍ଷେ ବଡପୁଅ ବିଧୁଭୂଷଣ ଜନ୍ମରୁ ଦିବ୍ୟାଙ୍ଗ । କୋଭିଡ୍ କଟକଣା ଯୋଗୁ କାମଧନ୍ଦା ନ ଥିବାରୁ ସାନପୁଅ ଘରେ ବସିଛନ୍ତି । ସରକାରୀ ସହାୟତା କହିଲେ ଅର୍ଜୁନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବା ବେଳେ ଓ ବଡପୁଅକୁ ଭିନ୍ନକ୍ଷମ ଭତ୍ତା ମିଳୁଛି । ଏଥିସହିତ ମୁଣ୍ଡପିଛା ୫କିଗ୍ରା ଚାଉଳ ସେହି ପରିବାର ପାଇଁ ସାହାରା ସାଜିଛି । ହେଲେ ପ୍ରତିମାସରେ ମିଳୁଥିବା ଭତ୍ତା ଓ ଚାଉଳରେ ପରିବାର ଚଳିବା କଷ୍ଟକର ବୋଲି ଅର୍ଜୁଙ୍କ ସ୍ତ୍ରୀ ବାଲୁ କହିଛନ୍ତି । ଆର୍ଥିକ ଅନଟନ ହେତୁ ଘର ଖଣ୍ଡିଏ କରିବା ଦୂରର କଥା ଚାଳଛପର ପାଇଁ ତାଙ୍କ ପାଖରେ ଟଙ୍କାଟିଏ ବି ନାହିଁ । ପଲିଥିନ୍ ଘୋଡା ଭଙ୍ଗାକୁଡିଆରେ ଜୀବନ ଅତିବାହିତ କରୁଛନ୍ତି ଅର୍ଜୁନଙ୍କ ପରିବାର । ଅର୍ଥାଭାବରୁ ତାଙ୍କ ଚିକିତ୍ସାରେ ଡୋରିବନ୍ଧା ହୋଇଛି । କେବଳ ବିଛଣାରେ ପଡି ଜୀବନ ସହ ସଂଗ୍ରାମ କରୁଛନ୍ତି ସେ । ୧୯୮୨



ଶଯ୍ୟାଶାୟୀ ଅର୍ଜୁନ ସାମଲ ।

ପ୍ରଳୟଙ୍କରୀ ବନ୍ୟାରେ ଅର୍ଜୁନ ନିଜ କାନ୍ଧରେ ରିଲିଫ ବୋହି ବିପନ୍ନମାନଙ୍କ ପାଖରେ ପହଞ୍ଚାଉ ଥିଲେ । ପରବର୍ତ୍ତୀ ସମୟରେ ଅନେକ ବାସହରାଙ୍କୁ ସେ ଥଇଥାନ କରିଥିଲେ । ଦୁଃଖକଷ୍ଟରେ ଚଳୁଥିଲେ ମଧ୍ୟ ନିଜ ସ୍ୱାଭିମାନ ପାଇଁ ଘରଖଣ୍ଡିଏ ଲାଗି କାହା ପାଖରେ ହାତ ପାତି ନ ଥିଲେ । ଏଥିଯୋଗୁ ସେ ସରକାରଙ୍କ ଦୃଷ୍ଟିଆଢୁଆଳରେ ରହିଯାଇଥିବା ଅର୍ଜୁନ କୋହଭରା କଣ୍ଠରେ କହିଛନ୍ତି । ସେହିପରି ଦିବ୍ୟାଙ୍ଗ ପୁଅ ବିଧୁଭୂଷଣ ଘର ଖଣ୍ଡିଏ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଭେଟି ନେହୁରା ହୋଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ସେ କୌଣସି ସୁଫଳ ପାଇନାହାନ୍ତି । ଏ ସମ୍ପର୍କରେ ସରପଞ୍ଚ ମଙ୍ଗଲୁ ସାହୁ କୁହନ୍ତି, ସରକାରଙ୍କ ଆବାସ ଯୋଜନାରେ ଅର୍ଜୁନଙ୍କ ପରିବାରକୁ ସାମିଲ କରିବା ପାଇଁ ମୁଁ ଚେଷ୍ଟା କରିବି । ଏଥିପାଇଁ ଆଉ କିଛିଦିନ ସମୟ ଲାଗିବ ।

## ମାସ୍କ ପିନ୍ଧି ନ ଥିବା ଟ୍ରେନ୍ ଯାତ୍ରୀଙ୍କଠାରୁ ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୪।୭

କରୋନା କଟକଣା ଉଲ୍ଲଂଘନ କରିଥିବାରୁ ଟ୍ରେନ ଯାତ୍ରୀଙ୍କଠାରୁ ବ୍ରହ୍ମପୁର ଜିଆରପି ଥାନା ପୋଲିସ ଜରିମାନା ଆଦାୟ କରିଛି। ଗତ ୨୯ ତାରିଖଠାରୁ ଏଯାବତ ଜିଆରପି ପକ୍ଷରୁ ୪୭ ଜଣ ଯାତ୍ରୀଙ୍କଠାରୁ ମୋଟ ୯୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରେନ୍‌ରେ ଯାତ୍ରା କରିବା ବେଳେ ହେଉ କିମ୍ବା ଚଢିବା ପୂର୍ବରୁ ଏବଂ ଓହ୍ଲାଇବା ପରେ ଯାତ୍ରୀଙ୍କୁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ ରହିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଉଭୟ ରେଳ ବିଭାଗ ଓ ପୋଲିସ ପକ୍ଷରୁ ଏହି ନିୟମ କଡାକଡି କରାଯାଉଛି। ହେଲେ କେତେକ ଯାତ୍ରୀ କରୋନା କଟକଣାକୁ ନ ମାନି ଖାମଖିଆଲ ମନୋବୃତ୍ତି ନେଇ ରେଳଯାତ୍ରା କରୁଥିବା ଦେଖିବାକୁ ମିଳିଛି। ଆଉ ସେହି ଯାତ୍ରୀଙ୍କୁ ଠାବ କରି ତ୍ମାସ୍କ ପିନ୍ଧି ନ ଥିବା ଯାତ୍ରୀଙ୍କଠାରୁ ଜିଆରପି ୨୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରୁଛି। ୨୯ ତାରିଖରେ ୧୦ ଜଣଙ୍କଠାରୁ ୨୦୦୦ ଟଙ୍କା ଆଦାୟ ହୋଇଥିବା ବେଳେ ୩୦ ତାରିଖରେ ୧୧ ଯାତ୍ରୀଙ୍କଠାରୁ ୨୨୦୦ଟଙ୍କା, ୧ ତାରିଖରେ ୭ ଯାତ୍ରୀଙ୍କ ଠାରୁ ୧୪୦୦ ଟଙ୍କା, ୨ ତାରିଖରେ ୧୦ଯାତ୍ରୀଙ୍କଠାରୁ ୨୦୦୦ ଟଙ୍କା ଓ ୩ ତାରିଖରେ ୯ ଯାତ୍ରୀଙ୍କ ଠାରୁ ୧୮୦୦ ଟଙ୍କା ଆଦାୟ କରାଯାଇଛି ବୋଲି ଜିଆରପି ଥାନା ପକ୍ଷରୁ ସୂଚନା ମିଳିଛି।

# ଶିକ୍ଷକଙ୍କ ପ୍ରଶିକ୍ଷଣ ଟଙ୍କା ୪.୫୨ଲକ୍ଷ ପଡ଼ି ରହିଛି

ନୟାଗଡ଼ ଅଫିସ,୪।୭

**ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନାହିଁ ପଦକ୍ଷେପ**

ନୟାଗଡ଼ ଶିକ୍ଷା ଜିଲାରେ ବର୍ଷେ ଧରି ଶିକ୍ଷକମାନଙ୍କ ପଦୋନ୍ନତି ହୋଇ ପାରୁ ନ ଥିବାବେଳେ ଏବେ ଶିକ୍ଷକଙ୍କ ପ୍ରଶିକ୍ଷଣ ବାବଦ ୪.୫୨ ଲକ୍ଷ ଟଙ୍କା ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୪ ମାସ ହେଲା ପଡି ରହିଛି। ଏ ନେଇ ନୟାଗଡ଼ ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ମାର୍ଚ୍ଚ ୩୧ ଚିଠି ନଂ. ୫୪୪ରେ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯିବା ସହ ତୁରନ୍ତ ଏହି ଟଙ୍କାକୁ ପ୍ରଶିକ୍ଷଣ ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ତେବେ ଇତିମଧ୍ୟରେ ୪ମାସ ବିତି ଯାଇଥିବା ବେଳେ ଶିକ୍ଷାଧିକାରୀମାନେ ଏହି ଟଙ୍କା ପ୍ରଦାନ ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ଉଠିଛି। ଅନ୍ୟପକ୍ଷରେ ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ପ୍ରଶିକ୍ଷଣ ବାବଦ ଟଙ୍କା ପ୍ରଦାନ କରାଯାଇ ସାରିଥିବା ବେଳେ ନୟାଗଡରେ ଶିକ୍ଷକମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁସାରେ, କରୋନା ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକ ଛୁଟିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ ଶିକ୍ଷକମାନଙ୍କ ମାନସିକ, ବୌଦ୍ଧିକ, ଶାରିରୀକ, ଆବେଗିକ ତଥା ସାମାଜିକ ବିକାଶ ପାଇଁ ଅନ୍‌ଲାଇନରେ ଦୀକ୍ଷା ଆପ ମାଧ୍ୟମରେ ନିଷ୍ଠା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୦ ଅକ୍ଟୋବର ୧୫ରୁ ଏହି ପ୍ରଶିକ୍ଷଣ କାର୍ଯକ୍ରମ ଆରମ୍ଭ ହୋଇ ୨୦୨୧ ଆର୍ଥିକ ବର୍ଷ ଜାନୁୟାରୀ ୧୫ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ଶିକ୍ଷକମାନେ ୧୮ଟି ସ୍ୱତନ୍ତ୍ର ବିଷୟରେ ତାଲିମପ୍ରାପ୍ତ ହୋଇ ରାଜ୍ୟ ସରକାରଙ୍କଠାରୁ ପ୍ରମାଣପତ୍ର ହାସଲ କରିଥିଲେ। ଏହିକ୍ରମରେ ନୟାଗଡ଼ ଜିଲାର ୮ଟି ବ୍ଲକରୁ ନୟାଗଡ଼ରୁ ୬୩୯ ଜଣ ଶିକ୍ଷକ ପ୍ରଶିକ୍ଷଣ ପାଇଥିବା ବେଳେ ନୂଆଗାଁରୁ ୪୭୯, ଦଶପଲ୍ଲାରୁ ୪୪୫, ଗଣିଆରୁ ୨୦୪, ଖଣ୍ଡପଡ଼ାରୁ ୫୦୨, ଭାପୁରରୁ ୪୨୭, ଓଡ଼ଗାଁରୁ ୬୩୫, ରଣପୁର ବ୍ଲକରୁ ସର୍ବାଧିକ ୭୨୧ ଜଣ ଏପରି ମୋଟ ୪ହଜାର ୫୨ଜଣ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ପ୍ରଶିକ୍ଷଣ ନେଇଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପେନ ଡ୍ରାଇଭ ଏବଂ ଡାଟାକାର୍ଡ ବାବଦ ଖର୍ଚ୍ଚ ପାଇଁ ପ୍ରତି ଶିକ୍ଷକ ପିଛା ଏକ ହଜାର ଟଙ୍କା ଲେଖାଏ ରାଜ୍ୟ ସରକାର ପ୍ରଦାନ କରିଛନ୍ତି।

## ବନ ମହୋତ୍ସବ ସପ୍ତାହ

ବୁଗୁଡ଼ା,୪।୭(ଡି.ଏନ.ଏ.)

ଦକ୍ଷିଣ ଘୁମୁସର ବନଖଣ୍ଡ ସୌଜନ୍ୟରେ ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟ ତରଫରୁ ୭୨ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ବନ ବିଭାଗର କ୍ଷେତ୍ରୀୟ ପରିଚାଳନା ସଭାଗୃହରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଦକ୍ଷିଣ ଘୁମୁସର ବନଖଣ୍ଡ ଭାରପ୍ରାପ୍ତ ଅଧିକାରୀ ଶଙ୍କର୍ଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନଖଣ୍ଡ ଅଧିକାରୀଙ୍କ ସମେତ ଭଞ୍ଜନଗର ଫରେଷ୍ଟ କର୍ପୋରେଶନ ଏସଡିଏମ ଭବାନୀ ଶଙ୍କର ଦାଶ, ଅଗ୍ନିଶମ ବିଭାଗ ଅଧିକାରୀ ସଞ୍ଜୟ କୁମାର ରାଉତ, ପୋଲସରା ବନାଞ୍ଚଳ ଅଧିକାରୀ ସଚିନ ପ୍ରଧାନ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନପାଳ ଅଭିରାମ ଖିଲ, ସୁନିତା ପାତ୍ର, ଭୋଳେଶ୍ୱର ମଳିକ, ସରସ୍ୱତୀ ନାୟକ, ସୁବ୍ରତ ତ୍ରିପାଠୀଙ୍କ ସମେତ ସମସ୍ତ ବନରକ୍ଷୀ, ଭିଏସ୍‌ଏସ୍ କର୍ମକର୍ତ୍ତା ଓ ଅନ୍ୟାନ୍ୟ ବନ କର୍ମଚାରୀ, ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ

# ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ

ଆର.ଉଦୟଗିରି,୪।୭(ଡି.ଏନ୍.ଏ.)

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଶନିବାର ଆର.ଉଦୟଗିରି ବ୍ଲକ ଗସ୍ତ କରି ବିଭିନ୍ନ ଗ୍ରାମରେ ନିର୍ମାଣ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ପରିଦର୍ଶନ କରିଥିଲେ। ଏଥିସହ ଅଞ୍ଚଳର ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଜିଲାପାଳ ପ୍ରଥମେ ସିଆଳିଲଟି ପଞ୍ଚାୟତରେ ଥିବା ମାଙ୍କଡ଼ଡିଆଁ ଜଳପ୍ରପାତ ଦେଖି ସେଠାରେ ରାସ୍ତା ନିର୍ମାଣ, ଜଳଯୋଗାଣ ଓ ଟୟଲେଟ୍ ନିର୍ମାଣ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମଗୁଡ଼ିକୁ



ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ଜିଲାପାଳ।

ଦେଖିବା ସହ କାର୍ଯ୍ୟାଳୟଠାରେ ଗ୍ରାମର ମହିଳା ମଣ୍ଡଳର କିପରି ରୋଜଗାରକ୍ଷମ ହୋଇପାରିବେ, ସେନେଇ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ କାନକଟା ଗ୍ରାମରେ ଆଇଟିଡିଏ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ପଥର ୱାଲ ଦେଖିବା ସହ ଗ୍ରାମବାସୀଙ୍କୁ ସପୁରି ଚାଷ କରିବାକୁ କହିଥିଲେ। ଏହାପରେ ଶବୋରପୋଲି ଜିପିର ଅନୁକୁମ୍ପା ଗ୍ରାମରେ ନିର୍ମାଣ ହୋଇଥିବା ସିମେଣ୍ଟର ଡ୍ରେନ କାମ ଦେଖିବା ସହ ଆମ୍ବଚାଷ ଦେଖି ଗ୍ରାମର ଏସ୍‌ଏଚ୍‌ଜି ମହିଳାଙ୍କୁ ଆମ୍ବରୁ ଆଚାର କରି ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ। ବସ୍ତିରିଗୁଡା ଅଞ୍ଚଳର ହେଉଥିବା ଭାଲିଆକୁ କାଜୁ ତିଆରି କରି ବିକ୍ରି କରିବାକୁ ଏସ୍‌ଏଚ୍‌ଜି ମହିଳାଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନରେ ଜିଲା ପିଡି ଡିଆରଡିଏ ଅନାମ ଚରଣ ପାତ୍ର, ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ନାୟକ, ବ୍ଲକର ସହକାରୀ ଯନ୍ତ୍ରୀ ବି.ସାନୁଜୁ କୁମାର, ଟିଆର୍‌ଓ ଉଦ୍ୟାନ ବିଭାଗ, କୃଷି ବିଭାଗର ଅଧିକାରୀ, ଏପିଓ ଏବଂ ବ୍ଲକର କନିଷ୍ଠ ଯନ୍ତ୍ରୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ଲଘୁ ଖଣିଜ ଚୋରି ରୋକିବାକୁ ଗାଡ଼ି ଯାଞ୍ଚ

ଶେରଗଡ଼,୪।୭(ଡି.ଏନ୍.ଏ.)

ଲଘୁ ଖଣିଜ ଚୋରି ରୋକିବାକୁ ଶେରଗଡ଼ ତହସିଲ ପକ୍ଷରୁ ରବିବାର ବିଭିନ୍ନ ଗାଡ଼ିର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। ତହସିଲଦାର ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି. ପଞ୍ଚମା ସମସ୍ତ ୯ଜଣ ରାଜସ୍ୱ ନୀରିକ୍ଷକଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ଆସିକାରୁ ଶେରଗଡ଼ ସଂଯୋଗ କରୁଥିବା ଜାତୀୟ ରାଜପଥ ରାସ୍ତାରେ ଛିଡ଼ା ହୋଇଥିବା ବିଭିନ୍ନ ବାଲି, ମୋରମ ଓ ପଥର ଚାଲାଣ କରୁଥିବା ଗାଡ଼ିର ଯାଞ୍ଚ କରାଯାଇଥିଲା।

# ୯ ଖଣ୍ଡ ଗ୍ରାମାଞ୍ଚଳର ସମସ୍ୟା ଦୂର ଲାଗି ଦାବି

ଖଜୁରିପଡ଼ା,୪।୭(ଡି.ଏନ.ଏ.)

ଫୁଲବାଣୀଠାରୁ ସଂଯୋଗ ବୌଦ୍ଧ ଜିଲାର ଶେଷ ସୀମାବର୍ତ୍ତିରେ ଥିବା ୯ ଖଣ୍ଡ ଗ୍ରାମର ମୌଳିକ ସମସ୍ୟାର ସମାଧାନ ପାଇଁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ବୈଦ୍ୟନାଥ ବେହେରା ନେତୃତ୍ୱ ନେଇଥିବା ବେଳେ ସମସ୍ତ ମହିଳା ପୁରୁଷ, ଯୁବତୀ ଯୁବକ ଯୋଗଦେଇଥିଲେ। ମେ ୪ରେ ୯ ଖଣ୍ଡ ଗ୍ରାମବାସୀଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ରାଣୀପଥରଠାରେ ଆଣି ପିଡ଼ିଏସ ଚାଉଳ, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯିବା, ବସୁଧା ଯୋଜନାରେ ଟାଙ୍କି ବସାଇ ପାନୀୟ ଜଳଯୋଗାଣ କରିବା, ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ହେଲପର୍ ନିଯୁକ୍ତି କରିବା, ଗେଟାମୁଣ୍ଡାର ଅସମ୍ପୂର୍ଣ୍ଣ ସ୍କୁଲଗୃହ ନିର୍ମାଣ କରିବା, ୯ ଖଣ୍ଡ ଗ୍ରାମ ଜିଲାର ଶେଷ ସୀମା ବର୍ତ୍ତିରେ ରହିଥିବାରୁ ଅଧିକ କାମ ଯୋଗାଇଦେବା ଆଦି ପାଞ୍ଚ ଦଫା ଦାବି କରାଯାଇଥିଲା। ଏଥିରୁ ୨ ଦାବି ପୂରଣ ହୋଇ ଚାଉଳ ଓ



ବୈଠକରେ ଉପସ୍ଥିତ ମହିଳା ପୁରୁଷ।

ଭତ୍ତା ଆଣିକି ଦିଆଯାଉଛି। କିନ୍ତୁ ବଳକା ପୂରଣ ହୋଇନାହିଁ। ଏଥିସହ ୯ ଖଣ୍ଡ ଗ୍ରାମ ଭିତରେ ଏକ କେନ୍ଦୁ ପତ୍ର ଫାଡ଼ି ବସିବା, ରାଣୀପଥରଠାରୁ ଭାୟା ଭାଲିଆପାଡ଼ା ଦେଇ ଖଜୁରିପଡ଼ାକୁ ସଂଯୋଗ ହୋଇଥିବା ରାସ୍ତାର ଉନ୍ନତିକରଣ କରିବା ଓ ବିଦ୍ୟୁତ୍ ସେବା ବୌଦ୍ଧ ଜିଲାକୁ ହସ୍ତାନ୍ତର କରିବାକୁ ଦାବି ଉପସ୍ଥାପନା ହୋଇଥିଲା। ଏହି ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଏକ ୨୫ ଜଣିଆ କମିଟି ଗଠନ କରାଯିବ। ଏହି କମିଟି ମାଧ୍ୟମରେ ୯ ଖଣ୍ଡ ଗ୍ରାମର ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନଙ୍କୁ ଅଭିଯୋଗ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଗଲା। ଉକ୍ତ ସମସ୍ୟା ସମାଧାନ ଲାଗି ପ୍ରଶାସନ ସହଯୋଗ ନ କଲେ ଆନ୍ଦୋଳନ କରାଯିବ ବୋଲି ମହିଳା ଗ୍ରୁପ ପ୍ରକାଶ କରିଛନ୍ତି।

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ଖତ ଖାଉଛି

ଖଣ୍ଡପଡ଼ା,୪।୭ (ସ୍ୱ.ପ୍ର.)

**ନିଲାମ ପାଇଁ ଖଣ୍ଡପଡ଼ା ଏନ୍‌ଏସିର ପଛଘୁଞ୍ଚା**

ଖଣ୍ଡପଡ଼ା ଏନଏସିର ବିଭିନ୍ନ ପୁରାତନ ଗାଡି ଓ ଯନ୍ତ୍ରପାତି ଦୀର୍ଘଦିନ ହେଲା ଖୋଲା ଆକାଶ ତଳେ ପଡ଼ି ନଷ୍ଟ ହେବାକୁ ବସିଛି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ସେହି ସାମଗ୍ରୀଗୁଡ଼ିକ ମଧ୍ୟରେ ବ୍ୟବହୃତ ଟ୍ରାକ୍ଟର, ପାଣିଟାଙ୍କି ଓ ମଇଳା ଟାଙ୍କି ସଫା କରିବା ମେଶିନ ଆଦି ମୂଲ୍ୟବାନ ସାମଗ୍ରୀ ରହିଛି । ଉପରୋକ୍ତ ସାମଗ୍ରୀ ଅକାମୀ ହେବା ପରେ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ପଡିରହିଛି । ଉକ୍ତ ସାମଗ୍ରୀଗୁଡ଼ିକ ଠିକ୍ ସମୟରେ ନିଲାମ କରାଯାଇଥିଲେ ସରକାର ବିପୁଳ ରାଜସ୍ୱ ପାଇଥାନ୍ତେ । ହେଲେ ସେ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଇଛି ।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ସହରାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ବିଭିନ୍ନ ଯୋଜନାରେ ଏନଏସି କର୍ତ୍ତୃପକ୍ଷଙ୍କୁ ଅନେକ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ସେହି ଅର୍ଥରେ ଏନଏସି କର୍ତ୍ତୃପକ୍ଷ ମୂଲ୍ୟବାନ ସାମଗ୍ରୀ କ୍ରୟ କରି ବ୍ୟବହାର କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ସେଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇପଡିଥିଲା । ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ କହିଛନ୍ତି, ସେହି ସାମଗ୍ରୀଗୁଡିକୁ ନିଲାମ ପାଇଁ ବହୁବିଧ ବ୍ୟବସ୍ଥା ରହିଛି। ସେଥିପାଇଁ ଏନଏସି ପକ୍ଷରୁ ଆରଟିଓଙ୍କୁ ୨ ଥର ଚିଠି ଲେଖାଯାଇଛି । ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ସେଥିପ୍ରତି ଗୁରୁତ୍ୱ ଦେଇ ନାହାନ୍ତି ବୋଲି ସେ ସୂଚନା ଦେଇଛନ୍ତି ।




ବାହାରେ ପଡ଼ି ଖତ ଖାଉଥିବା ସାମଗ୍ରୀ।